**ସଂକ୍ଷେପରେ**

## କାର୍ ଦୁର୍ଘଟଣାରେ ୩ ଆହତ



ଧର୍ମଶାଳା,୧୮।୭(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ରଥିଆ ନିକଟରେ ମଙ୍ଗଳବାର ଭୋର୍ ସମୟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩ଜଣ ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ପାରିନାହିଁ।

ସୂଚନା ମୁତାବକ, ପଶ୍ଚିମବଙ୍ଗରୁ ଏକ ପରିବାର କାର୍ ଯୋଗେ ପୁରୀ ଅଭିମୁଖେ ଯାଉଥିଲେ। ଭୋର ୪ଟା ସମୟରେ ରଥିଆ ଛକ ନିକଟସ୍ଥ ଆଇବିପି ପେଟ୍ରୋଲ ପମ୍ପ ନିକଟରେ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ଟିପ୍ପର ପଛରେ କାର୍‌ଟି ଧକ୍କା ହୋଇଥିଲା। ଏହି ସମୟରେ ଆଉ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ କାରକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ କାର ଚାଳକଙ୍କ ସମେତ ୩ ଜଣ ଆହତ ହୋଇଥିଲେ। ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଛି।

## ରାସ୍ତା କଡ଼ରେ ମାଂସ ବ୍ୟବସାୟକୁ ବିରୋଧ

ଯାଜପୁର ସଦର,୧୮।୭,(ସମର ବିଜୟ ଶରଣ): ଶ୍ରାବଣ ମାସରେ ବୋଲବମ ଭକ୍ତମାନେ ରାଜ୍ୟର ବିଭିନ୍ନ ଶୈବପୀଠକୁ ଯାଇ ଜଳାଭିଷେକ କରୁଛନ୍ତି। ସେମାନେ ପାଣି ଭାର ଧରି ରାସ୍ତାରେ ଯିବାବେଳେ ବହୁ ବାଧାବିଘ୍ନକୁ ସାମ୍ନା କରି ଲକ୍ଷ୍ୟସ୍ଥଳରେ ପହଞ୍ଚୁଛନ୍ତି। ରାସ୍ତାରେ ଯିବାବେଳେ କେଉଁଠି ଗଛମୂଳେ ତ କେଉଁଠି ମଠ ମନ୍ଦିରରେ ବିଶ୍ରାମ ନେଉଛନ୍ତି। ଏବେ ରାଜ୍ୟର ପ୍ରତ୍ୟେକ ରାସ୍ତାର ଉଭୟ ପାର୍ଶ୍ୱରେ କଂସେଇ ଖାନା କରି ଛେଳିମେଣ୍ଢା କାଟିବା ଦ୍ୱାରା ରାସ୍ତା ରକ୍ତ ରଞ୍ଜିତ ହେଉଥିବା ଦେଖିବାକୁ ମିଳୁଛି। ହେଲେ ଏହାପ୍ରତି କାହାରି ନଜର ପଡୁନାହିଁ। ପୋଲିସ ଦେଖି ନ ଦେଖିଲାଭଳି ହେଉଛି। ଫଳରେ ଏହାକୁ ଜନ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ଅନେକ ରାସ୍ତାକଡ଼ରେ ଏପରି ବ୍ୟବସାୟକୁ ବିରୋଧ କରିଛନ୍ତି। ଯାଜପୁର ସଦର ଥାନାଠାରୁ ମାତ୍ର ୫୦ ମିଟର ଦୂର ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏପରି ବ୍ୟବସାୟ ଚାଲିଛି, ଯଦ୍ୱାରା ବୋଲବମ ଭକ୍ତଙ୍କ ଧାର୍ମିକ ଭାବନାରେ କୁଠାରଘାତ ହେଉଛି। ତେଣୁ ରାସ୍ତା ପାର୍ଶ୍ୱରୁ କଂସେଇ ଖାନାଗୁଡ଼ିକୁ ଉଚ୍ଛେଦ କରିବାକୁ ଦାବି ହୋଇଛି।

## ସାପ କାମୁଡ଼ାରେ ବୃଦ୍ଧ ମୃତ

ମୋରଡ଼ା,୧୮।୭(ସ୍ୱାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଘୋଲମୁହାଁ ପଞ୍ଚାୟତର ଠେଙ୍ଗାଡାଣ୍ଡି ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କାର୍ତ୍ତିକ ସିଂ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୨/୨୩) ରୁଜୁ ହୋଇଛି।

# ସରୁନି ବିଜୁ ସେତୁ ନିର୍ମାଣ କାର୍ଯ୍ୟ

**ଯାତାୟାତରେ ଲୋକେ ହୀନସ୍ତା**
- ଖରାଦିନେ ବାଉଁଶ ପୋଲ
- ବର୍ଷାଦିନେ ଡଙ୍ଗା ଭରସା

ବ୍ରହ୍ମବରଦା,୧୮।୭ (ଯଯାତି କେଶରୀ ବେହେରା):

ଯାଜପୁର ବ୍ଲକ୍ ଅନ୍ତର୍ଗତ ଖାଲପଡ଼ା ଓ ରୁଦ୍ରପୁର ପଞ୍ଚାୟତବାସୀଙ୍କ ଗମନାଗମନର ସମସ୍ୟା ଦୀର୍ଘ ଦିନ ହେବ ଲାଗି ରହିଛି। ଖାଲପଡ଼ାରୁ ବ୍ରହ୍ମବରଦାକୁ ସଂଯୋଗ ପାଇଁ ୨୪।୧୨।୨୦୧୬ରୁ ବ୍ରହ୍ମବରଦାଠାରେ ବ୍ରାହ୍ମଣୀ ନଦୀରେ ୧୦ କୋଟି ୪୨ ଲକ୍ଷ ୩୯ ହଜାର ୨୭୦ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ବିଜୁ ସେତୁର ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ସରିପାରୁନାହିଁ। କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ଏହି ସେତୁ ନିର୍ମାଣ ହେଲେ କାକୁଡ଼ିକୁଦ, ଖାଲପଡ଼ା, ବାଗସାହି, ସିଠାଲୋଇ ଓ ରୁଦ୍ରପୁର ଅଞ୍ଚଳର ଲୋକଙ୍କ ଯାତାୟାତ ସୁଗମ ହେବ। ସେମାନେ ବ୍ରହ୍ମବରଦାସ୍ଥିତ ହାଟ, ବଜାର, ବ୍ୟାଙ୍କ ଏବଂ ଛାତ୍ରୀଛାତ୍ର କଲେଜକୁ ପ୍ରତିଦିନ ଯିବା ଆସିବା କରିଥାନ୍ତି। ତେଣୁ ଯାତାୟାତ ପାଇଁ ନଦୀରେ ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ ହୋଇଥିବା ଅସ୍ଥାୟୀ ବାଉଁଶ ପୋଲ ଉପରେ ନିର୍ଭର କରୁଛନ୍ତି। ହେଲେ ବର୍ଷା ଦିନରେ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ବାଉଁଶ ପୋଲ ଦେଇ ଯାତାୟାତ କରିବା ସମ୍ଭବ ହେଉନାହିଁ। ଫଳରେ ଲୋକେ ୫ କି.ମି. ରାସ୍ତା ବୁଲି ବ୍ରହ୍ମବରଦାକୁ ଆସୁଛନ୍ତି। ଆଉ କେତେଜଣ ଲୋକ ଯିବା ଆସିବା ପାଇଁ ହୁଲି ଡ଼ଙ୍ଗା ଉପରେ ନିର୍ଭର କରୁଛନ୍ତି। ବିଜୁ ସେତୁଟି କାକୁଡ଼ିକୁଦ ପଟୁ ୭ ପିଲାର(ଖୁଣ୍ଟ)କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ବ୍ରହ୍ମବରଦା ପଟୁ ଶେଷ ଖୁଣ୍ଟ ପଡ଼ି ପାରୁ ନ ଥିବାରୁ ନିର୍ମାଣ କାର୍ଯ୍ୟ ଧିମେଇ ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ କେଉଁଦିନ ନିର୍ମାଣ କାର୍ଯ୍ୟ ସମାପ୍ତ ହେବ ଓ ସୁରୁଖୁରୁରେ ଲୋକେ ଯାତାୟାତ କରିବେ ତାହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ସେତୁ କାର୍ଯ୍ୟ ଶେଷ କରିବାକୁ ଦାବି ହୋଇଛି।



ଅଧପନ୍ତରିଆ ଅବସ୍ଥାରେ ବିଜୁ ସେତୁ।

# ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲୋକାୟୁକ୍ତଙ୍କ ନୋଟିସ

**କୁଆଁରିଆ ପୋଲ ରାସ୍ତା ଫାଟିବା ଘଟଣା**

ଧର୍ମଶାଳା,୧୮।୭(ବଟକୃଷ୍ଣ ପରିଡ଼ା):

ଉଦ୍‌ଘାଟନର ମାତ୍ର ୩୫ ଦିନ ନ ବିତୁଣୁ ଅସରାଏ ବର୍ଷାରେ କୁଆଁରିଆ ସେତୁ ସଂଯୋଗୀକରଣ ରାସ୍ତା ଫାଟି ଆଁ କରିବା ମାମଲା ଲୋକାୟୁକ୍ତରେ ପହଞ୍ଚିଛି। ଲୋକାୟୁକ୍ତ ଏହି ସେତୁ ନିର୍ମାଣ ପରିଚାଳନା ବା ତଦାରଖ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ନୋଟିସ କରି ଜବାବ ମାଗିଛନ୍ତି।

ସୂଚନା ଥାଉକି, ଧର୍ମଶାଳା-କବାଟବନ୍ଧ ରାସ୍ତାକୁ ସଂଯୋଗ କରୁଥିବା କୁଆଁରିଆ ସେତୁକୁ ପୂର୍ତ୍ତ ବିଭାଗ ପକ୍ଷରୁ ୩ କୋଟି ୮୦ ଲକ୍ଷ ୨୩ ହଜାର ଟଙ୍କା ବିନିଯୋଗରେ ନିର୍ମାଣ କରାଯାଇଛି। ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତରେ ନିର୍ମିତ ଏହି ସେତୁ କବାଟବନ୍ଧଠାରୁ ଧର୍ମଶାଳା ପର୍ଯ୍ୟନ୍ତ ସଂଯୋଗ କରୁଥିବାବେଳେ ଦୈନନ୍ଦିନ ହଜାରହଜାର ଲୋକ ରାସ୍ତାରେ ଯାତାୟାତ କରିଥାନ୍ତି। ରାସ୍ତା ଫାଟିବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ନିମ୍ନମାନର କାର୍ଯ୍ୟକୁ ଲୁଚାଇବାକୁ ଯାଇ ଠିକାଦାର ପ୍ୟାଚ୍ ପକାଇ କାମ ସାରିଦେଇଛନ୍ତି। ଏନେଇ ଧର୍ମଶାଳା ଅଞ୍ଚଳର ଭାଜପା ନେତା ତଥା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଲୋକାୟୁକ୍ତ ମାମଲାର ଶୁଣାଣି କରି ବିଭାଗୀୟ ଯନ୍ତ୍ରୀ ପ୍ରଭାତ ମାଝିଙ୍କୁ ଜବାବ ମାଗିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୨୮ ତାରିଖ ଥିବାବେଳେ ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ଯନ୍ତ୍ରୀଙ୍କୁ ନୋଟିସ କରାଯାଇଛି।

# ବିଜେଡିର ମିଶ୍ରଣ ପର୍ବ



ବିଜେଡିରେ ସାମିଲ କର୍ମୀଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି।

ଧର୍ମଶାଳା,୧୮।୭(ବଟକୃଷ୍ଣ ପରିଡ଼ା):

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଧର୍ମଶାଳା ବ୍ଲକ୍ ଅଧୀନ ଉତ୍ତରପ୍ରତାପ ପଞ୍ଚାୟତର ପୂର୍ବତନ ଭାଜପା ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ତରାଇ ବିଜେଡିରେ ସାମିଲ ହୋଇଛନ୍ତି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ତରାଇ ନିଜ ସମର୍ଥକଙ୍କ ସହିତ ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟକ ବଳବନ୍ତରାୟ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି। ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ମଙ୍ଗଳବାର ମଧ୍ୟାହ୍ନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ଜଳଧର ସାହୁ, ଜଳଧର ମହାନ୍ତି, ଅମରେନ୍ଦ୍ର ରାୟ, ସୁଧାଂଶୁ ଶେଖର ସାହୁ, ନିମାଇଁ ମଲିକ, କ୍ଷିରାବ୍ଧୀ ତନୟା ମଲ୍ଲିକ ଓ ନିରଞ୍ଜନ ବଳ ଉପସ୍ଥିତ ରହି ସହଯୋଗ କରିଥିଲେ। ତରାଇ ଗତ ପଞ୍ଚାୟତ ନିର୍ବାଚନରେ ୧୫ନଂ. ଜୋନରୁ ଭାଜପାର ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ହୋଇ ୯ ହଜାର ୮୦୧ ଖଣ୍ଡ ଭୋଟ ପାଇ ବିଜେଡି ପ୍ରାର୍ଥୀଙ୍କଠାରୁ ୪୧୮୫ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ତାଙ୍କର ଏହି ମିଶ୍ରଣ ବିଜେଡି ପାଇଁ ସହାୟକ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ରାସ୍ତା କାର୍ଯ୍ୟ ସରିବାର ମାସକ ପରେ ଫାଟିଲା

**ଜନକ-ହଳଧରପୁର ରାସ୍ତା**

ଚଣ୍ଡିଖୋଲ,୧୮।୭(ପ୍ରଦୀପ୍ତ କୁମାର ପୃଷ୍ଟି):

୫ କି.ମି. ୫୦୦ ମିଟର ରାସ୍ତା ନିର୍ମାଣ ପାଇଁ ୭ କୋଟି ୧୨ ଲକ୍ଷ ୨୪ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ରାସ୍ତା ନିର୍ମାଣ ଶେଷ ହେବାର ମାସକ ପରେ ତାହା ଫାଟି ୨ ଫାଳ ହୋଇଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଜନକ-ହଳଧରପୁର ରାସ୍ତାରେ। କଟକ ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନର ବଡ଼ଚଣା ସବ୍‌ଡିଭିଜନ ଅଧୀନରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୧ ନଭେମ୍ବର ୮ରେ ଆରମ୍ଭ ହୋଇଥିଲା। ସେ ସମୟରେ ବିଭାଗ ପକ୍ଷରୁ ଜନକଠାରୁ ନିଆଳି ପର୍ଯ୍ୟନ୍ତ ୫ କି.ମି. ୫୦୦ ମିଟର ଟେଣ୍ଡର କରାଯାଇ କାର୍ଯ୍ୟ କରାଯାଇଥିଲା। ୨୦୨୨ ଅଗଷ୍ଟ ୭ ସୁଦ୍ଧା କାର୍ଯ୍ୟ ଶେଷ ହେବ ବୋଲି ବିଭାଗୀୟ ଅଧିକାରୀମାନେ ଘୋଷଣା କରିଥିଲେ। ହେଲେ ରାସ୍ତା କାର୍ଯ୍ୟ ଶେଷ ହେବାବେଳକୁ ୨୦୨୩ ମେ' ମାସ ଶେଷ ହୋଇଗଲା। ଏପରି କି ଏ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱପଥର ପ୍ୟାକିଂ ହୋଇନାହିଁ। କିନ୍ତୁ ଉପରଭାଗ ପିଚୁ ଫାଟି ଆଁ କଲାଣି। ରାସ୍ତା କାର୍ଯ୍ୟ ଚାଲିଥିବାବେଳେ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗ ପ୍ରତି ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରି ନ ଥିଲେ। ଏବେ ରାସ୍ତା ଫାଟିଥିବାରୁ ଏହି ନିମ୍ନମାନର କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ରାସ୍ତାରେ ଯେଉଁ ଫାଟ ହୋଇଥିଲା ତାହାକୁ ଆମେ ମରାମତି କରିସାରିଲୁଣି। ଏବେ ଯାହାହେବ ଠିକାଦାର ୧ ବର୍ଷ ପାଇଁ ମରାମତି କରିବେ।



## ୨ ଯୁବକଙ୍କୁ ମାରିଦେବାକୁ ଧମକ

କଳିଙ୍ଗନଗର,୧୮।୭(ଶୁଭାଶିଷ ରାଉତ): ଟମକା ଥାନା ଅନ୍ତର୍ଗତ ଗଉଡ଼ ବାହାଲି ଗ୍ରାମର ୨ ଦଳିତ ଯୁବକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ୨ ଯୁବକ ପ୍ରଶାନ୍ତ କୁମାର ଜେନା ଓ ରଙ୍କନାଥ ଜେନା ସାଇକେଲରେ ଆସୁଥିବାବେଳେ ସେହି ଗ୍ରାମର ସଞ୍ଜୟ କୁମାର ସାହୁ ଏକ ବାଇକ୍‌ରେ ଆସି ସେମାନଙ୍କୁ ଧକ୍କା ଦେଇଥିଲେ। ଫଳରେ ପ୍ରଶାନ୍ତ ଓ ରଙ୍କ ସାଇକେଲ୍‌ରୁ ପଡ଼ିଯାଇଥିଲେ। ପରେ ସରୋଜଙ୍କୁ ତାଙ୍କ ଘର ନିକଟରେ ପଚାରିବାକୁ ଆସିଥିବା ପ୍ରଶାନ୍ତ ଓ ରଙ୍କଙ୍କୁ ସରୋଜ ଏବଂ ତାଙ୍କ ସାନ ପୁଅ ସଞ୍ଜୟ ଜାତିକୁ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ କାତିରେ ହାଣି ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଟମକା ଥାନାରେ ନଂ.୧୫/୨୩ରେ ମାମଲା ରୁଜୁ ହୋଇଛି। ହେଲେ କେସ ନେଇଥିବା ଅଧିକାରୀ ଠିକ୍‌ରେ ତଦନ୍ତ ନ କରି ବାରମ୍ବାର ଅଭିଯୋଗକାରୀଙ୍କୁ ଥାନାକୁ ଆସିବାକୁ କହୁଛନ୍ତି। ଫଳରେ ଅଭିଯୋଗକାରୀ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ବୋଲି କହିଛନ୍ତି। ଯଦି ଥାନାରୁ ନ୍ୟାୟ ନ ମିଳେ ତେବେ ସେମାନେ ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଗୁହାରି କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ବ୍ୟାଙ୍କ୍‌କୁ ଗଲା ୨୪୦ ମୋ ଘର ଆବେଦନ ପତ୍ର

ଧର୍ମଶାଳା,୧୮।୭(ବଟକୃଷ୍ଣ ପରିଡ଼ା):

ରାଜ୍ୟ ସରକାର ଘର ତିଆରି ଓ ମରାମତି ପାଇଁ ମୋ ଘର ଯୋଜନା ଆରମ୍ଭ କରିଛନ୍ତି। ଗରିବ ଓ ନିମ୍ନମଧ୍ୟବିତ ପରିବାର ସରକାରୀ ଯୋଜନାରେ ଘର ପାଇ ନ ଥିଲେ ସେମାନଙ୍କୁ ଏହି ଯୋଜନାରେ ସବସିଡ଼ିରେ ଋଣ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ୧ ଲକ୍ଷରୁ ୩ ଲକ୍ଷ ପର୍ଯ୍ୟନ୍ତ ବ୍ୟାଙ୍କ ଜରିଆରେ ଋଣ ମିଳିବାକୁ ଥିବାବେଳେ ସାଧାରଣ ବର୍ଗ, ଏସ୍‌ସିଏସ୍‌ଟି ଓ ଭିନ୍ନ କ୍ଷମ ପରିବାରକୁ ଭିନ୍ନ ହାରରେ ସବସିଡ୍ ମିଳିବା ବ୍ୟବସ୍ଥା ରହିଛି।

ଏହିକ୍ରମରେ ଧର୍ମଶାଳା ବ୍ଲକର ୪୫ ପଞ୍ଚାୟତରୁ ୧୫୧୧ଜଣ ନାମପଞ୍ଜୀକରଣ କରିଥିବାବେଳେ ପଞ୍ଚାୟତସ୍ତରରେ ୩୦୭ ଜଣଙ୍କ ଆବେଦନ ଯାଞ୍ଚ ହୋଇଛି। ସେଥିମଧ୍ୟରୁ ପ୍ରଥମ ଦଫାରେ ୨୪୦ଜଣଙ୍କ ନାମ ବିଭିନ୍ନ ବ୍ୟାଙ୍କକୁ ଋଣ ପାଇବା ପାଇଁ ବ୍ଲକ ପକ୍ଷରୁ ପଠାଯାଇଥିବା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ପଠାଯାଇଥିବା ଅବେଦନଗୁଡ଼ିକ ମଧ୍ୟରୁ ଧର୍ମଶାଳା ୟୁକୋ ବ୍ୟାଙ୍କ ଶାଖା ପକ୍ଷରୁ ଜାରକା ପଞ୍ଚାୟତର ଅଭିମନ୍ୟୁ ଦାସ ଓ ଗଙ୍ଗାଧରପୁରର ଲତା ଦାସଙ୍କ ଅବେଦନକୁ ମଞ୍ଜୁର କରି ସେମାନାଙ୍କ ଜମାଖାତାରେ ଟଙ୍କା ଜମା କରାଯାଇଛି। ଖୁବ୍‌ଶୀଘ୍ର ଅନ୍ୟ ବ୍ୟାଙ୍କଗୁଡ଼ିକ ସହିତ ଯୋଗାଯୋଗ କରାଯାଇ ଋଣ ମଞ୍ଜୁର କରାଯିବ ବୋଲି ବିଡିଓ ବଳ କହିଛନ୍ତି।

## ୧୫ ଫୁଟ ଲମ୍ବର ଅଜଗର ଉଦ୍ଧାର



**ଭୋଗରାଇ, ୧୮।୭(ପ୍ରଦୀପ ଦାସ):** ବାଲେଶର ଜିଲା ଭୋଗରାଇ ବ୍ଲକ ସମୁଦ୍ରକୂଳ ଖଡ଼ିବିଲ-ରଣସିଙ୍ଗପୁର ଗ୍ରାମରୁ ୧୫ ଫୁଟ ଲମ୍ବର ଏକ ଅଜଗର ବନବିଭାଗ ଉଦ୍ଧାର କରିଛି। ଏହାର ଓଜନ ୩୫ କି.ଗ୍ରା ହେବ ବୋଲି ବନବିଭାଗ ପକ୍ଷରୁ ଜଣାପଡିଛି। ସୋମବାର ରାତିରେ ଏହି ସାପ ଗାଁର ଜଣେ ଲୋକଙ୍କ ଘରକୁ ରାସ୍ତାରେ ଯାଉଥିବା ବେଳେ ସ୍ଥାନୀୟ ଲୋକ ଦେଖି ଡରିଯାଇ ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ସଞ୍ଜୟ କୁମାର ମହାନ୍ତି, ହରିଶଙ୍କର ସାହୁ, ବାବୁଲି ଦାସ ତୁରନ୍ତ ସେଠାରେ ପହଞ୍ଚି ସାପକୁ କୌଶଳକ୍ରମେ ଧରି ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁଙ୍କୁ ହସ୍ତାନ୍ତର କଲା ପରେ ରାଇବଣିଆ ଜଙ୍ଗଲରେ ସାପକୁ ଛଡାଯାଇଛି।

# ଆର୍‌ଡି ରାସ୍ତାରେ ପାଣି, ଲୋକେ ହୀନସ୍ତା

ସିଂହପୁର,୧୮।୭ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଡିହକୁଳା ଆର୍‌ଡି ରାସ୍ତାର ନାଉବାଙ୍କଠାରେ ପାଣି ଜମୁଛି। ଫଳରେ ଲୋକେ ଯାତାୟାତରେ ହୀନସ୍ତା ଭୋଗୁଛନ୍ତି। ଅସରାଏ ବର୍ଷା ହେଲେ ରାସ୍ତାରେ ପାଣିର ଲହଡି ମାରୁଛି। ଏହି ରାସ୍ତା ଅଞ୍ଚଳର ମୁଖ୍ୟ ରାସ୍ତା। ଦୈନିକ ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ଯାତାୟାତ କରନ୍ତି। ଏପରି କି ଭଦ୍ରକ ଜିଲାକୁ ଯିବାକୁ କମ ବାଟ ହେଉଥିବାରୁ ଏହିବାଟେ ବହୁ ଦୂରଦୂରାନ୍ତରୁ ଲୋକେ ଯାଆନ୍ତି। ହେଲେ ରାସ୍ତା କଦର୍ଥ ହୋଇପଡ଼ିଥିବାରୁ ଯାତାୟାତ କଷ୍ଟକର ହେଉଛି। ଜନସାଧାରଣଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଦାବି କରିବାପରେ ନାମକୁ ମାତ୍ର ବଜୁରି ପକାଇ ବିପୁଳ ଟଙ୍କା ବିଲକରି ଲୁଟ୍ କରାଯାଉଛି। ଅଥଚ ରାସ୍ତାର ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇଛି। ରାସ୍ତାରୁ ଜଳ ନିଷ୍କାସନ ହେଉ ନ ଥିବାରୁ ପରିସ୍ଥିତି ଏପରି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ରାସ୍ତାରୁ ଜଳ ନିଷ୍କାସନ କରିବା ସହ ରାସ୍ତା ଉଚ୍ଚା କରି ଢଳେଇ କରିବାକୁ ଘନଶ୍ୟାମ ନାୟକ, ବିଜୟ ସାମଲ, ହରିଶ୍ଚନ୍ଦ୍ର ଯେନା, ସାମନ୍ତ ଯେନା ଓ ଅଭିରାମ ନାୟକ ପ୍ରମୁଖ ସ୍ଥାନୀୟ ଲୋକ ଦାବି କରିଛନ୍ତି।



ରାସ୍ତାରେ ବର୍ଷା ପାଣି ଜମିରହିଛି।

# ରୋଟାରି କ୍ଲବ ପକ୍ଷରୁ ମିଠାମିଠା ଅନୁଭୂତି କାର୍ଯ୍ୟକ୍ରମ

ଧର୍ମଶାଳା,୧୮।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ଷ୍ଟାଡିୟମ ସଭାଗୃହରେ ରୋଟାରି କ୍ଲବ ଜାରକା ପକ୍ଷରୁ ମିଠାମିଠା ଅନୁଭୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ପ୍ରମୋଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିଜି ରଶ୍ମିରଞ୍ଜନ ମହାନ୍ତି ଓ ଅବସରପ୍ରାପ୍ତ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଶତପଥୀ ଯୋଗଦେଇ ଜାରକା ରୋଟାରି କ୍ଲବର କାର୍ଯ୍ୟଧାରା ଓ ସେବାମୂଳକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଖବରଦାତା ଓ ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ସଭାପତି ସାମଲ, ସମ୍ପାଦକ ସୁକାନ୍ତ ସ୍ୱାଇଁ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ।

ଆସନ୍ତା ବର୍ଷ ପାଇଁ ନିର୍ବାଚିତ ସଭାପତି ଇଂ. ବିପିନ ବିହାରୀ ଷଡ଼ଙ୍ଗୀ ଓ ସମ୍ପାଦକ ଜୟଗୁରୁ ପାତ୍ର ଉପସ୍ଥିତ ରହି ଆଗାମୀ ଦିନରେ ହେବାକୁଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସଭ୍ୟମାନଙ୍କ ସହଯୋଗ କାମନା କରିଥିଲେ। ରୋଟାରିଆନ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ପ୍ରଦୀପ୍ତ କୁମାର ବରାଳ, କଳାକର ମହାନ୍ତି, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଅଧ୍ୟାପକ ଜୟନ୍ତ କୁମାର ସାହୁ, ଅଜାମ୍ବର ସାହୁ, ହରିହର ପଣ୍ଡା, ଇନ୍ଦ୍ରମଣି ନାୟକ, ଜୟପ୍ରକାଶ ତ୍ରିପାଠୀ, ବିନୋଦ ପରିଡ଼ା, ଧରଣୀଧର ଦାଶ, ଅମୂଲ୍ୟ ମହାରଣା, ପ୍ରଶାନ୍ତ ପୃଷ୍ଟି, ଦେବେନ୍ଦ୍ର ସାହୁ, ରଶ୍ମିରଞ୍ଜନ ରାୟ, ଚକ୍ରଧର ଲେଙ୍କା, ଇନରହୁଇଲ କ୍ଲବର ମିନତି ସାହୁ, ମାଧୁରୀ ଶତପଥୀ, ସକୁନ୍ତଳା ମହାନ୍ତି, କଳ୍ପନା ନାୟକ, ରଶ୍ମିତା ନାୟକ, ଅର୍ଚ୍ଚନା ସ୍ୱାଇଁ, ଇନ୍ଦୁପ୍ରଭା ସାମଲ, କଳ୍ପନା ଖୁଣ୍ଟିଆ, ପ୍ରତିଭା ସାହୁ, ବିଶ୍ୱମିତ୍ରା ସାହୁ, ପ୍ରଭାତ ନଳିନୀ ସାହୁ ଓ କଳ୍ପନା ପରିଡ଼ା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁନି କଳାକାର ମୋନାଲି ଓ ସମ୍ପୂର୍ଣ୍ଣା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଇନରହୁଇଲ କ୍ଲବ ସଭାପତି ଶୁଭଲକ୍ଷ୍ମୀ କର ଧନ୍ୟବାଦ ଦେଇଥିଲେ।




ରୋଟାରି କ୍ଲବ ଜାରକାର ମିଠାମିଠା କଥା କାର୍ଯ୍ୟକ୍ରମରେ ଏଡିଜିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଜନଗର ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ**

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ଥାନାରେ ସୋମବାର ନୂତନ ଆଇଆଇସି ଭାବେ ଅଜୟ କୁମାର ଜେନା ଯୋଗଦେଇଛନ୍ତି। ରାଜନଗର ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କ ଯାଜପୁର ଜିଲା କୁଆଖିଆ ଥାନାକୁ ବଦଳି ହୋଇଥିଲା। ଯାଜପୁର ଟାଉନ ଥାନାରେ ଆଇଆଇସି ଥିବା ଜେନାଙ୍କ ରାଜନଗର ଥାନାକୁ ବଦଳି ହୋଇଛି। ଆଇଆଇସି ଜେନା ଯୋଗଦେବା ପରେ ବ୍ଲକ କଂଗ୍ରେସ, ବିଜେଡି ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି।

# ୮ ମାସ ହେଲା ରାଶନ କାର୍ଡଧାରୀଙ୍କୁ ଗହମ ମିଳୁନି

**ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ହିତାଧିକାରୀ ହତାଶ**



କେନ୍ଦ୍ରାପଡ଼ା, ୧୮।୭(ଜଗନ୍ନାଥ ଧଳ)

ଦେଶରେ କେହି ଯେପରି ଭୋକିଲା ନ ରହନ୍ତୁ ସେଥିପାଇଁ ଖାଦ୍ୟ ସୁରକ୍ଷା ଯୋଜନା କରାଯାଇ ସମସ୍ତ ଗରିବ ପରିବାରକୁ ଏଥିରେ ସାମିଲ କରାଯାଇଛି। ସେଥିପାଇଁ ପ୍ରତି ରାଶନ କାର୍ଡଧାରୀଙ୍କୁ ସରକାର ମାସିକିଆ ଚାଉଳ ସହ ଗହମ ପ୍ରଦାନ କରୁଥିଲେ। ହେଲେ ୮ ମାସ ହେଲା ଗହମ ଯୋଗାଣକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। କାର୍ଡଧାରୀଙ୍କୁ କେବଳ ଚାଉଳ ଧରାଇ ଦିଆଯାଉଥିବାରୁ ଏ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପରିବା ରେଟ ଆକାଶଛୁଆଁ, ଦୁଇଓଳି ଭାତ କଲେ ଦୈନନ୍ଦିନ ଚଳଣିରେ ଅସୁବିଧା ହେଉଛି। ଏ ନେଇ ଗହମ ଆଣୁଥିବା ହିତାଧିକାରୀମାନେ ଏକ ପ୍ରକାର ହତାଶ ହୋଇପଡ଼ିଛନ୍ତି। ସେମାନଙ୍କ ପରିବାର ରୁଟି ଉପରେ ନିର୍ଭରଶୀଳ ଥିବାବେଳେ ସରକାର ଗହମ ଯୋଗାଣ ବନ୍ଦ କରି ଦେଇଥିବାରୁ ସମ୍ପୃକ୍ତ ହିତାଧିକାରୀମାନେ ଅସହାୟ ହୋଇପଡ଼ିଛନ୍ତି। ଖୋଲା ବଜାରରୁ ଅଧିକ ଦର ଦେଇ ଗହମ କିମ୍ବା ଅଟା କିଣିବା ସେମାନଙ୍କ ପକ୍ଷେ ସମ୍ଭବ ହେଉ ନ ଥିବାରୁ ବାଧ ହୋଇ ୩ ବେଳା ଭାତ ଖାଉଥିବା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନେକ ହିତାଧିକାରୀ ପ୍ରକାଶ କରିଛନ୍ତି। ଏପରି କି ପରିବାରରେ ଥିବା ମଧୁମେହ ରୋଗୀଙ୍କୁ ମଧ୍ୟ ଭାତ ଖାଇବାକୁ ପଡୁଥିବା ହିତାଧିକାରୀମାନେ କ୍ଷୋଭର ସହ କହିଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକରେ ୩୧,୫୮୧ ରାଶନକାର୍ଡଧାରୀ ରହିଛନ୍ତି। ଅନ୍ତ୍ୟୋଦୟ ଯୋଜନାରେ ୩,୦୨୭ ହିତାଧିକାରୀ ଥିବାବେଳେ ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାରେ ୩,୮୬୯ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ପୂର୍ବରୁ ପ୍ରତି ମାସରେ ବ୍ଲକରେ ମୋଟ ୨,୪୮,୮୬୮ କିଲୋ ଚାଉଳ, ୪୫,୨୯୬ କିଲୋ ଗହମ ପ୍ରଦାନ କରାଯାଉଥିଲା। ସେହିପରି ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିରେ ୭,୧୪୫ ରାଶନ, ୪୧୨ ଅନ୍ତ୍ୟୋଦୟ, ୮୩୫ ଜଣ ରାଜ୍ୟ ଯୋଜନାରେ ସାମିଲ ହୋଇଛନ୍ତି। ପ୍ରତି ମାସରେ ୫୨,୧୩୨ କେଜି ଚାଉଳ ଓ ୯,୧୨୩ କେଜି ଗହମ ପ୍ରଦାନ କରାଯାଉଥିଲା। ହେଲେ ୨୦୨୨ ଡିସେମ୍ବରରୁ ଗହମ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏବେ ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଣ ହେଉଛି।

ସରକାରଙ୍କ ଏପରି ପଦକ୍ଷେପକୁ ଗହମ ନେଉଥିବା ରାଶନକାର୍ଡଧାରୀମାନେ ନାପସନ୍ଦ କରିଛନ୍ତି। ଏହି ସରକାରୀ ଗହମ ଯୋଗୁ ବହୁ ବୃଦ୍ଧାବୃଦ୍ଧ, ଶିଶୁ ଉପକୃତ ହେଉଥିଲେ। ମଧୁମେହ ରୋଗୀ ରୁଟି ଖାଇ ପାରୁଥିଲେ। କିନ୍ତୁ ସରକାର ଗହମ ଯୋଗାଣ ବନ୍ଦ ରଖିଥିବାରୁ ଏବେ ସେମାନଙ୍କୁ ଭାତ ଖାଇବାକୁ ପଡୁଛି। କାରଣ ଖୋଲା ବଜାରରେ ଗହମ କିଲୋ ୪୦ ରୁ ୫୦ ଟଙ୍କା ଓ ଅଟା ୪୫ ରୁ ୬୦ ଟଙ୍କାରେ ବିକ୍ରି ହେଉଥିବାରୁ ଗରିବ ଲୋକେ ତାହା କିଣିପାରୁ ନାହାନ୍ତି। ବର୍ଷାଦିନ ଥିବାରୁ ଏପରି ରୋଗୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିବାର ସମ୍ଭାବନା ଥିବାରୁ ସରକାର ଯଥାଶୀଘ୍ର ରାଶନକାର୍ଡ ମାଧ୍ୟମରେ ପୁଣି ଗହମ ଯୋଗାଇ ଦେବାକୁ ହିତାଧିକାରୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଯୋଗାଣ ଅଧିକାରୀ ପ୍ରଶାନ୍ତ ଗନ୍ତାୟତଙ୍କୁ ପଚାରିବାରେ ରାଜ୍ୟ ସାରା ଏପରି ଅବସ୍ଥା ହୋଇଛି। ସରକାର ଆଲର୍ଟମେଣ୍ଟ ଦେଲେ ଆମେ ହିତାଧିକାରୀଙ୍କୁ ଗହମ ଯୋଗାଇ ଦେବୁ। ରାଶନକାର୍ଡଧାରୀ ପ୍ରଭାକର ସେଠୀ କୁହନ୍ତି, ସରକାର ରାଶନକାର୍ଡଧାରୀଙ୍କ ପାଇଁ କେବଳ ଚାଉଳ ଯୋଗାଇ ଦେଉଥିବା ଡିଲରମାନେ କହୁଛନ୍ତି। ତେଣୁ ଗହମ ପରିବର୍ତ୍ତେ କେବଳ ଚାଉଳ ମିଳୁଥିବାରୁ ଦୈନନ୍ଦିନ ଚଳଣିରେ ଅସୁବିଧା ହେଉଛି। ପରିବା ରେଟ୍ ଆକାଶ ଛୁଆଁ ଭାତ ପାଇଁ ତରକାରି ଆବଶ୍ୟକ, ୨ ବେଳା ଭାତ କଲେ ଚଳଣିରେ ଅସୁବିଧା ହେଉଛି। ରୁଟି ହେଲେ ଘରେ ପାଳିତ ଗାଈ କ୍ଷୀର ପକାଇ ଚଳିଯାଉ। ମାତ୍ର ଏବେ ଦୁଇ ଓଳା ଭାତ କଲେ ପରିବା କିଣିବା ପାଇଁ ସକ୍ଷମ ହୋଇପାରୁନୁ। ପୂର୍ବଭଳି ଗହମ ଯୋଗାଇ ଦିଆଗଲେ ଭଲ ହୁଅନ୍ତା। ରାଶନକାର୍ଡଧାରୀ ବାବୁରାମ ମଳିକ କୁହନ୍ତି, ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ଆଉ ଦିଆଯାଉ ନ ଥିବାରୁ ବୟସ୍କ ବ୍ୟକ୍ତି ଓ ମଧୁମେହ ରୋଗୀଙ୍କ ପାଇଁ ସମସ୍ୟା ଦେଖାଦେଲାଣି। ଖୁଚୁରା ବଜାରରେ ଗହମ ପର୍ଯ୍ୟାପ୍ତ ପରିମାଣରେ ମିଳୁ ନ ଥିଲା ବେଳେ ଦାମ୍ ମଧ୍ୟ ଅଧିକ। ସରକାର ଏ ଦିଗରେ ବିଚାର କରନ୍ତୁ ବୋଲି ସେ କହିଛନ୍ତି। ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କୁହନ୍ତି, ସରକାର ରାଶନକାର୍ଡଧାରୀଙ୍କୁ ଗହମ ଯୋଗାଣ ବନ୍ଦ କରି ଦେଇଥିବାରୁ ଗରିବ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋଲା ବଜାରରୁ ଗହମ କିଣି ପରିବାରର ଆବଶ୍ୟକତା ପୂରଣ କରିବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ପୁନର୍ବାର ଗହମ ଯୋଗାଣ କରାଗଲେ ରାଶନକାର୍ଡଧାରୀମାନେ ଉପକୃତ ହେବେ। ଅନ୍ୟପକ୍ଷରେ ରାଶନକାର୍ଡଧାରୀଙ୍କୁ ଗହମ ମିଳୁଥିବା ବେଳେ କିଛି ଛୋଟ ଶିଳ୍ପ ମଧ୍ୟ ଉପକୃତ ହେଉଥିଲେ। ରାଶନକାର୍ଡଧାରୀଙ୍କ ଗହମ ପେଷି ଭଲ ଦୁଇ ପଇସା ପାଉଥିଲେ। ଏବେ ସେମାନେ ଗହମ ପେଷିବାକୁ ଆଉ ଅଟାକଳକୁ ଆସୁନାହାନ୍ତି। ଏହାର ପ୍ରଭାବ ଅଟାକଳ ଉପରେ ପଡୁଛି। ଗ୍ରାମାଞ୍ଚଳରେ ଥିବା ଅଟାକଳ ମାଲିକମାନେ କ୍ଷତି ସହୁଛନ୍ତି।

## କେନ୍ଦ୍ରାପଡ଼ା ଜିଲାକୁ ଭୂମି ସମ୍ମାନ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଏଡିଏମ୍ ନିଲୁ ମହାପାତ୍ର ଭୂମି ସମ୍ମାନ ଗ୍ରହଣ କରୁଛନ୍ତି।

କେନ୍ଦ୍ରାପଡ଼ା, ୧୮।୭ (ଜଗନ୍ନାଥ ଧଳ)

ଜମିଜମା ସ୍ୱତ୍ୱ ଡିଜିଟାଲାଇଜେଶନ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ଉଲ୍ଲେଖନୀୟ କାର୍ଯ୍ୟ କରିଛି। ଏଥିପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ମଙ୍ଗଳବାର ଆୟୋଜିତ ସଭାରେ ଭୂମି ସମ୍ମାନ ପ୍ରଦାନ କରିଛନ୍ତି। ଏହି ସମ୍ମାନକୁ ଏଡିଏମ୍ ନିଲୁ ମହାପାତ୍ର, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା ଗ୍ରହଣ କରିଛନ୍ତି। ଡିଜିଟାଲ ଇଣ୍ଡିଆ ଭୂମି ଅଭିଲେଖ ଆଧୁନିକୀକରଣ କାର୍ଯ୍ୟକ୍ରମ (ଡିଆଇଏଲ୍ଆର୍ଏମ୍ପି) ଅନ୍ତର୍ଗତ ଯୋଜନାରେ ଜିଲାର ସମସ୍ତ ସ୍ୱତ୍ୱବାନ ଜମିର ତଥ୍ୟ ସ୍ଥାନିତ କରିଥିବାରୁ ସମ୍ମାନ ସ୍ୱରୂପ ପ୍ଲାଟିନମ ଗ୍ରେଡିଂ ସାର୍ଟିଫିକେଟ ମିଳିଛି। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ଜମି ରେକର୍ଡ ତଥ୍ୟ ଡିଜିଟାଲ ହୋଇଥିବାରୁ ଆଧାରକାର୍ଡ ପରି ଲ୍ୟାଣ୍ଡ ପାର୍ସଲ ଆଇଡେଣ୍ଟିଫିକେଶନ ନମ୍ବର ମିଳିପାରିଛି। ଏହାଦ୍ୱାରା ରାଜସ୍ୱ ବିବାଦର ସହଜରେ ସମାଧାନ ହେବ। ସେହିପରି ସ୍ଥାନୀୟ ଅଞ୍ଚଳରେ କ୍ଷେତର ଉତ୍ପନ୍ନ ହେଉଥିବା ଉତ୍ପାଦର ସହଜରେ ତଥ୍ୟ ମିଳିପାରିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଗ୍ରାମ୍ୟ ବିକାଶ ରାଜ୍ୟମନ୍ତ୍ରୀ ଫଗନ ସିଂ କୁଲସ୍ତେ, କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ କପିଲ ମୋରେଶ୍ୱର ପାଟିଲ, ସଚିବ ଅଜୟ ତିର୍କୀ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଜମି ସ୍ୱତ୍ୱର ତଥ୍ୟ ଡିଜିଟାଲ କରିଥିବା ଦେଶର ୯ ରାଜ୍ୟର ୬୮ଟି ଜିଲାକୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ୧୯ ପଞ୍ଚାୟତରେ ବିଜେଡି ପର୍ଯ୍ୟବେକ୍ଷକ ନିଯୁକ୍ତ
### ପଟ୍ଟାମୁଣ୍ଡାଇ ବ୍ଲକ

କେନ୍ଦ୍ରାପଡ଼ା, ୧୮।୭( ଜଗନ୍ନାଥ ଧଳ)

ତୃଣମୂଳ ସ୍ତରରେ ବିଜେଡି ସଙ୍ଗଠନକୁ ମଜଭୁତ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ମନ୍ତ୍ରୀ, ସାଂସଦ, ବିଧାୟକ ଓ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମର୍ମରେ କାର୍ଯ୍ୟକାରି ସଙ୍ଗଠନକୁ ମଜଭୁତ କରିବାକୁ ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଜିଲାର ସମସ୍ତ ବିଧାୟକ ଓ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେବା ପରେ ଦଳୀୟ କର୍ମକର୍ତ୍ତାମାନେ ସକ୍ରିୟ ହୋଇଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ପରାମର୍ଶକ୍ରମେ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ ବିଭିନ୍ନ ପଞ୍ଚାୟତରେ ବିଜେଡି ସଙ୍ଗଠନକୁ ଅଧିକ ମଜଭୁତ କରିବାକୁ ପଞ୍ଚାୟତସ୍ତରରେ ୧୯ ପର୍ଯ୍ୟବେକ୍ଷକ ନିଯୁକ୍ତ ଦେଇଛନ୍ତି। ଡାମରପୁର ପଞ୍ଚାୟତ ପାଇଁ ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଅରଡ଼ପଲ୍ଲୀ ପଞ୍ଚାୟତ ସ୍ୱପ୍ନ ରଞ୍ଜନ ବେହେରା, ଗଙ୍ଗାରାମପୁର ପଞ୍ଚାୟତ ଅରକ୍ଷିତ ସାହୁ, ବାଛରା ପଞ୍ଚାୟତ କୈଳାସ ସିଂହ, ଶାସନ ପଞ୍ଚାୟତ ଦେବେନ୍ଦ୍ର ଦାସ, ବିଲିକଣା ପଞ୍ଚାୟତ ସୁରେଶ ପଣ୍ଡା, କଖାରୁଣୀ ପଞ୍ଚାୟତ ନୟନ ଗିରି, ଓଉପଡା ପଞ୍ଚାୟତ ସୁବାସ ଦାଶ, ବଡ଼ମୋହନପୁର ପଞ୍ଚାୟତ ଅନିଲ ଦାସ, ସଂସାରଫଳ ପଞ୍ଚାୟତ ଦିବାକର ସେଠୀ, ବଳଭଦ୍ରପୁର ପଞ୍ଚାୟତ ସୁରେଶ ଜେନା, ସାନଜରିଆ ପଞ୍ଚାୟତ ଧନୁର୍ଜୟ ସ୍ୱାଇଁ, ଦୋଷିଆ ପଞ୍ଚାୟତ ବିଜୟ ରାଉତ, ଦିହୁଡିପୁର ପଞ୍ଚାୟତ କ୍ଷୀରୋଦ ପ୍ରଧାନ, ବଡ଼ପଡା ପଞ୍ଚାୟତ ସତ୍ୟବ୍ରତ ରାୟ, ଶ୍ରୀରାମପୁର ପଞ୍ଚାୟତ ସମୀର ମଲିକ, ଖଡ଼ିଅଣ୍ଟା ପଞ୍ଚାୟତ କଲ୍ୟାଣ ସ୍ୱାଇଁ, ଡାମରପୁର ପଞ୍ଚାୟତ ଲଳିତ ଧଳ ଓ ଖଣତା ପଞ୍ଚାୟତ ପର୍ଯ୍ୟବେକ୍ଷକ ଭାବେ ହୃଷୀକେଶ ଜେନାଙ୍କୁ ନିଯୁକ୍ତି ଦିଆଯାଇଛି। ବିଭିନ୍ନ ପଞ୍ଚାୟତର ପର୍ଯ୍ୟବେକ୍ଷକମାନେ ନିଷ୍ଠାର ସହିତ ଦଳର ସଙ୍ଗଠନକୁ ମଜଭୁତ କରିବା ଦିଗରେ କାର୍ଯ୍ୟ କରିବାକୁ ବ୍ଲକ ବିଜେଡି ସଭାପତି ସାହୁ ପରାମର୍ଶ ଦେଇଛନ୍ତି।

## ୨ ଦିନ ପାଇଁ ଧାରଣା ସ୍ଥଗିତ



ଧାରଣାରତ ପୁରାତନ ଛାତ୍ର, ଗ୍ରାମବାସୀ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

- କୁତାମଚଣ୍ଡୀ ବିଦ୍ୟାମନ୍ଦିର ୫-ଟି କାମରେ ଅନିୟମିତତା ଘଟଣା
- ପ୍ରତିଶ୍ରୁତି ପାଳନ ନ ହେଲେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ

ରଘୁନାଥପୁର,୧୮।୭ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଧରାଧାରପୁରସ୍ଥିତ କୁତାମଚଣ୍ଡୀ ବିଦ୍ୟାମନ୍ଦିର ୫-ଟି ରୂପାନ୍ତରିକରଣ କାର୍ଯ୍ୟରେ ଅନିୟମିତତାକୁ ନେଇ ବିଦ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଧାରଣାକୁ ୨ ଦିନ ପାଇଁ ସ୍ଥଗିତ ରଖାଯାଇଛି। ମଙ୍ଗଳବାର ଅଧିକାରୀଙ୍କ ପକ୍ଷରୁ ମିଳିଥିବା ପ୍ରତିଶ୍ରୁତି ନିର୍ଦ୍ଧାରିତ ସମୟ ମଧ୍ୟରେ ପାଳନ କରା ନ ଗଲେ ରଘୁନାଥପୁର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଆଲମିନି (ପୁରାତନ ଛାତ୍ର) କମିଟିର ସଦସ୍ୟ ସାମାଜିକ କର୍ମୀ ସରିତ ମହାପାତ୍ର ପ୍ରକାଶ କରିଛନ୍ତି। ବିଦ୍ୟାମନ୍ଦିର ୫-ଟି କାମ ନିମ୍ନମାନର କରି ଟଙ୍କା ହଡପ କରିବା ଚକ୍ରାନ୍ତକୁ ସଫଳ କରିଦେବୁ ନାହିଁ ବୋଲି ପୁରାତନ ଛାତ୍ର ଓ ଗ୍ରାମବାସୀ ୨ୟ ଦିନ ଧାରଣାରେ ବସି ରହିଥିଲେ। ବିଡିଓ ତପନ କୁମାର ସେନାପତି, ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ, ବ୍ଲକ ଟିସି ରାଜଲକ୍ଷ୍ମୀ ସ୍ୱାଇଁ ଓ ଆଇଆଇସି ସୁଶାନ୍ତ କୁମାର ସେଠୀ ଧାରଣାକାରୀଙ୍କ ନିକଟରେ ପହଞ୍ଚି ଥିଲେ। ପ୍ରଧାନ ଶିକ୍ଷକ ବିଜୟ କୁମାର ମହାନ୍ତିଙ୍କୁ ଡାକି ପୁରାତନ ଛାତ୍ର ଓ ଗ୍ରାମବାସୀଙ୍କ ସହ ମିଳିତ ଆଲୋଚନା କରିଥିଲେ। ଆସନ୍ତା ୨ଦିନ ମଧ୍ୟରେ ପୁରାତନ ଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କୁ ଉପସ୍ଥିତରେ ଅଭିଯୋଗର ସମାଧାନ ପାଇଁ ବିଡିଓ ସେନାପତି ପ୍ରଧାନ ଶିକ୍ଷକ ମହାନ୍ତିଙ୍କୁ ଦାୟିତ୍ୱ ଦେଇଥିଲେ। ଶୃଙ୍ଖଳା ଓ ସହଯୋଗ ଭିତ୍ତିରେ ଉକ୍ତ ୫-ଟି କାମକୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ଆଲୋଚନାରେ ସାମାଜିକ କର୍ମୀ ସୁବାସ ଜେନା, ଜ୍ୟୋର୍ତିମୟ ନାୟକ, ଦୁଃଖିଶ୍ୟାମ ମଲ୍ଲିକ, ପ୍ରିୟରଞ୍ଜନ ସାହାଣୀ, ଆଲୋକ ରଞ୍ଜନ ସ୍ୱାଇଁ, ନିଷିକାନ୍ତ ନାୟକ, ଟହଲି ମଲ୍ଲିକ, କ୍ଷେତ୍ରବାସୀ ଜେନା, ପ୍ରଭଞ୍ଜନ ସ୍ୱାଇଁ, ନିରଞ୍ଜନ ସେଠୀ, ବିଷ୍ଣୁ ଚନ୍ଦ୍ର ଦାସ, ଜଗବନ୍ଧୁ ମଲ୍ଲିକ, ବିଚିତ୍ର ଜେନା ଓ ସୁଦର୍ଶନ ମହାନ୍ତିଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଦିହୁଡିପୁର ସମିତିସଭ୍ୟ ଉପନିର୍ବାଚନ: ୩ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ

କେନ୍ଦ୍ରାପଡ଼ା, ୧୮।୭( ଜଗନ୍ନାଥ ଧଳ)

ପଟ୍ଟାମୁଣ୍ଡାଇ ବ୍ଲକ ଦିହୁଡିପୁର ପଞ୍ଚାୟତର ସମିତିସଭ୍ୟ ପଦବୀ ପାଇଁ ଅଗଷ୍ଟ ୯ ରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ କରାଯାଇଛି। ଏହି ପଞ୍ଚାୟତର କଂଗ୍ରେସ ସମର୍ଥିତ ସମିତିସଭ୍ୟା ପୁଷ୍ପଲତା ସ୍ୱାଇଁଙ୍କ ଅକାଳ ବିୟୋଗ ଯୋଗୁ ଉପନିର୍ବାଚନ ଅନୁଷ୍ଠିତ ହେଉଛି। ଦିହୁଡିପୁର ସମିତିସଭ୍ୟ ପଦବୀ ହାସଲ ପାଇଁ ବିଜେଡି, ବିରୋଧୀ କଂଗ୍ରେସ ପୁରା ଦମରେ ଲାଗି ପଡିଛନ୍ତି। ଏହି ଉପନିର୍ବାଚନ ପାଇଁ ଶାସକ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ପ୍ରମିଳା ଖଟୁଆ, କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଝରଣା ପ୍ରଧାନ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଯଶୋଦା ଖଟୁଆ ନିଜର ପ୍ରାର୍ଥିପତ୍ର ପଟ୍ଟାମୁଣ୍ଡାଇ ବିଡିଓ ତଥା ନିର୍ବାଚନ ଅଧିକାରୀ ଶୁଭ୍ରାଂଶୁ ସାହୁଙ୍କ ନିକଟରେ ଦାଖଲ କରିଥିଲେ। ମଙ୍ଗଳବାର ଯାଞ୍ଚ ବେଳେ ୩ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାୟମ ରହିଛି ବୋଲି ବ୍ଲକ ନିର୍ବାଚନ ଅଧିକାରୀ ସାହୁ ସୂଚନା ଦେଇଛନ୍ତି। ଆସନ୍ତା ୨୦ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ନିର୍ବାଚନୀ ଚିତ୍ର ସ୍ପଷ୍ଟ ହେବ।

## ନାବାଳିକାଙ୍କୁ ଗର୍ଭବତୀ ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୧୮।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଗର୍ଭବତୀ କରିବା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଏହି ନଂ.୩୨୭/୨୨ ମାମଲାର ବିଚାର ପରେ ଆଳି ଥାନା ଗୋବିନ୍ଦପୁର ଗ୍ରାମର ରାଜୀବ ମଲ୍ଲିକ(୬୫)ଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହ ଜରିମାନା ବାବଦ ୨୫ହଜାର ଟଙ୍କା ନ ଦେଲେ ଅଧିକ ୧ବର୍ଷ ଜେଲରେ ରହିବେ ବୋଲି ରାୟରେ ଏଡିଜେ ପ୍ରଣତୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସ୍ପେସାଲ ପିପି ମନୋଜ ସାହୁ ସୂଚନା ଦେଇଛନ୍ତି, ଏହି ମାମଲାରେ ଆଡିସନାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ ଜଜ୍ କମ ସ୍ପେଶାଲ ଜଜ୍ (ପୋକ୍ସୋ) କୋର୍ଟରେ ଚାଲିଥିଲା। ୨୦୨୧ରେ ମା' ଛେଉଣ୍ଡ ନାବାଳିକା ଘରେ ଏକୁଟିଆ ଥିବା ବେଳେ ରାଜୀବ ବଳାତ୍କାର କରିଥିଲେ। ପରେ ଏହି ଘଟଣା ବାହାରେ ପ୍ରକାଶ କଲେ ଜୀବନରୁ ମାରିଦେବା ପାଇଁ ଭୟ ଦେଖାଇଥିଲେ। ବାରମ୍ବାର ବଳାତ୍କାର ପରେ ନାବାଳିକା ଗର୍ଭବତୀ ହୋଇଥିଲେ। ଏ ସମ୍ପର୍କରେ ବାପାଙ୍କ ପଚରାଉଚରା ପରେ ନାବାଳିକା ସତ ମାନିବାରୁ ଆଳି ଥାନାରେ ୨୦୨୨ ଅଗଷ୍ଟ ୨୨ରେ ମାମଲା ରୁଜୁ ହୋଇଥିଲା। ନାବାଳିକାଙ୍କ ଶିଶୁପୁତ୍ର ଜନ୍ମ ପରେ କୋର୍ଟ ନିର୍ଦ୍ଦେଶରେ ରାଜୀବ ଓ ନାବାଳିକାଙ୍କ ଶିଶୁ ସହିତ ଡିଏନ୍ଏ ଟେଷ୍ଟ ହୋଇଥିଲା। ଡିଏନଏ ରିପୋର୍ଟ ଓ ୧୨ ଜଣ ସାକ୍ଷୀଙ୍କ ବୟାନ ପରେ ମାମଲାର ରାୟ ପ୍ରକାଶ ପାଇଥିବା ସ୍ପେଶାଲ ପିପି ସାହୁ ସୂଚନା ଦେଇଛନ୍ତି।

## ଶାଶୁଘରୁ ନାବାଳିକା ଉଦ୍ଧାର

କୁଜଙ୍ଗ ୧୮।୭ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କ ବିବାହ ବାର୍‌ହାକଣା ଗାଁର ଶଙ୍କର ରାଉତଙ୍କ ପୁଅ ରବୀନ୍ଦ୍ର ସହ ଗତ ୧୫ ତାରିଖରେ ହୋଇଥିଲା। ଏ ସମ୍ପର୍କରେ ଏରସମା ମହିଳା ଓ ଶିଶୁ ବିକାଶ ବିଭାଗ ଖବର ପାଇବା ପରେ ମଙ୍ଗଳବାର ବାଲିତୁଠ ସେକ୍ଟର ସୁପରଭାଇଜର ପ୍ରଣତି ଦାସ ପୋଲିସ ସହାୟତାରେ ଶାଶୁଘରେ ଚଢ଼ାଉ କରି ନାବାଳିକାକୁ ଉଦ୍ଧାର କରଛନ୍ତି। ପରେ ତାଙ୍କୁ ଜଗତ୍‌ସିଂହପୁର ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି। ନାବାଳିକାଙ୍କ ବୟସ ୧୭ବର୍ଷ ୪ମାସ ହୋଇଥିବା ଜଣାପଡ଼ିଛି। ନାବାଳିକାଙ୍କ ବିଚିତ୍ର ଜଗତ୍‌ସିଂହପୁର ସିଡବ୍ଲ୍ୟୁସିରେ ପହଞ୍ଚି ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଯେ, ଝିଅକୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ସେ ନିଜ ଘରେ ରଖିବେ। ପରେ ତାକୁ ଶାଶୁ ଘରକୁ ପଠାଇବେ। ଲିଖିତ ପ୍ରତିଶ୍ରୁତି ପାଇବା ପରେ ନାବାଳିକାଙ୍କୁ ତାଙ୍କ ବାପାଙ୍କୁ ହସ୍ତାନ୍ତର କରାଯାଇଛି।

## ଆଳି ବ୍ଲକରେ ନୂଆ ୧୧ଟି ପାକ୍ସ ଖୋଲିଲା

ଆଳି,୧୮।୭ (ବନମାଳୀ ସେନାପତି )

କୃଷି ଓ କୃଷକଙ୍କ ସ୍ୱାର୍ଥକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ନୂତନ ନିୟମ ଅନୁଯାୟୀ ଆଳି ବ୍ଲକରେ ୧୧ଟି ନୂତନ ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ) ଗଠନ କରାଯାଇଛି। ଏଥିରେ ଆଳି ବ୍ଲକର ନଦୀ ନାଳ ଘେରା ପଦନିପାଳ ପଞ୍ଚାୟତ ରାଜକନିକା ବ୍ଲକର ଚରପଡା ପାକ୍ସରେ ଅନ୍ତର୍ଭୁକ୍ତ ଥିଲା। ଏହା ପଦନିପାଳ ସମିତି ଭାବେ ନୂତନ କରି ଗଠିତ ହୋଇ ଆଳି ବ୍ଲକରେ ସାମିଲ ହୋଇଛି। ଆଳି ବ୍ଲକରେ ନୂତନ ଭାବେ ଗଠିତ ହୋଇଥିବା ପାକ୍ସଗୁଡ଼ିକ ହେଉଛି ନିଆଳ, କୋଳିଡ଼ିହ, ଏକମାଣିଆ, ଚଣ୍ଡିଆଗଡ଼ି, ସହିରା, ନୂଆପଡ଼ା ଓ ଧୋୟା ଅଞ୍ଚଳର ଜୁଆଣିଆ, ପେଟପଡ଼ା, ଏରଡ଼ଙ୍ଗ ଓ ସଂସିଧା, ଦେମାଳ ସମିତିରୁ ଅଲଗା ହୋଇ ନୂତନ ଭାବେ ନିଆଳ ସମିତି ସୃଷ୍ଟି ହୋଇଛି। ମହୁ ସମିତିରୁ ଅଲଗା ହୋଇ କୋଳିଡ଼ିହ ସମିତି ଓ ଏକମାଣିଆ ସମିତି ଗଠନ ହୋଇଛି। ସିଙ୍ଗିରୀ ସମିତିରୁ ଅଲଗା ହୋଇ ଚଣ୍ଡିଆଗଡ଼ି ସମିତି, ବାଟିପଡ଼ା ସମିତିରୁ ଅଲଗା ହୋଇ ସହିରା ସମିତି ଓ ନୂଆପଡ଼ା ସମିତି, ଭୂଇଁପୁର ସମିତିରୁ ଅଲଗା ହୋଇ ସଂସିଧା ସମିତି, ଗୋବିନ୍ଦପୁର ସମିତିରୁ ଅଲଗା ହୋଇ ଜୁଆଣିଆ ସମିତି ଓ ପେଟପଡ଼ା ସମିତି, ଦେସାହି ସମିତିରୁ ଅଲଗା ହୋଇ ଏରଡ଼ଙ୍ଗ କୃଷି ସେବା ସମବାୟ ସମିତି ସୃଷ୍ଟି ହୋଇଛି। ଏ ସମ୍ପର୍କରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ଚୂଡ଼ାନ୍ତ ନିଷ୍ପତ୍ତି ପତ୍ର ନଂ. ୧୯/୨୦୨୩ ଅନୁଯାୟୀ, ଆଳି ସବୁ ସମିତି ସଙ୍ଗଠକ ନିକଟରେ ପହଞ୍ଚିଛି। ଏହା ଫଳରେ ନୂତନ କୃଷି ସେବା ସମବାୟ ସମିତି ଗୁଡ଼ିକର ସମସ୍ତ କାର୍ଯ୍ୟ ଆରମ୍ଭ ହେବାର ପଥ ପରିଷ୍କାର ହେବା ସହ ଚାଷୀଙ୍କ ମନରେ ଖୁସିର ଲହରି ଖେଳି ଯାଇଛି। ସୂଚନାଯୋଗ୍ୟ, ଆଳି ବ୍ଲକରେ ପୂର୍ବରୁ ୧୧ଟି ପ୍ରାଥମିକ ସମବାୟ ସମିତି ଥିବା ବେଳେ ନୂତନ ୧୧ଟି ସମବାୟକୁ ମିଶାଇ ୨୨ ଟି ସମବାୟ ସମିତି ହୋଇଛି।

## ପୁରାତନ ଛାତ୍ରୀଛାତ୍ରଙ୍କ ଉଦ୍ୟମରେ ଲାଗିଲା ଇନ୍‌ଭର୍ଟର, ପଙ୍ଖା

**ବଡ଼ାମ୍ବିଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ଆଳି,୧୮।୭ (ବନମାଳୀ ସେନାପତି)

ଆଳି ବ୍ଲକ ଅନ୍ତର୍ଗତ ବଡ଼ାମ୍ବିଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ସମାପ୍ତ ପରେ ଅନେକ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେହି ଛାତ୍ରୀଛାତ୍ରମାନଙ୍କ ଉଦ୍ୟମରେ ବିଦ୍ୟାଳୟକୁ ଏକ ଘରୋଇ କମ୍ପାନୀ ପକ୍ଷରୁ ଉଚ୍ଚ କ୍ଷମତା ସମ୍ପନ୍ନ ଇନଭର୍ଟର ଓ ୪ଟି କାନ୍ଥ ପଙ୍ଖା ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସରପଞ୍ଚ ସଚଳା ମହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ସଦାସର୍ବଦା ଉତ୍ତମ ଶୈକ୍ଷିକ ପରିବେଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଭଗବାନ ନାୟକ, ସମ୍ମାନିତ ଅତିଥି ଭାବେ ସିଆରସିସି ଭାଗ୍ୟବତୀ ସାହୁ, ମହିନ୍ଦ୍ରା କମ୍ପାନୀର ଷ୍ଟେଟ ଏଚ. ଆର. ପ୍ରିୟଙ୍କା ପ୍ରଧାନ, ଆକାଉଣ୍ଟସ ସିନିୟର୍ ମ୍ୟାନେଜର ତଥା ପୁରାତନ ଛାତ୍ର ରାକେଶ ମହାନ୍ତି,ଏଚ. ଆର୍. ଟିମ୍ ସଦସ୍ୟ ଅମିତ ଦାସ, ସିମାନି ମହାନ୍ତି, ଶକ୍ତି ରଞ୍ଜନ ସାହୁ, ଲିଗାଲ ମ୍ୟାନେଜର ଅଭିଷେକ ଦାଶ ଓ ସାମାଜିକ କର୍ମୀ ବିଜୟ ମହୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମଧ୍ୟ ଏଠାରେ ଅନୁଷ୍ଠାନର ଉଦ୍ୟୋକ୍ତା ଦିବଂଗତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ମହାନ୍ତିଙ୍କ ସ୍ମୃତି ଚାରଣ କରାଯାଇଥିଲା। ପୁରାତନ ଛାତ୍ର ମନୋଜ ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ତିଳୋତ୍ତମା ରାଉଳ ଓ ଗ୍ରାମବାସୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଅସନ୍ତୁଷ୍ଟ ବିଜେଡି ନେତା, କର୍ମୀଙ୍କ ବୈଠକ

ବାଲିକୁଦା,୧୮।୭(ତାପସ ସ୍ୱାଇଁ)

ତରାସାହି ପଞ୍ଚାୟତର ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ମଙ୍ଗଳବାର ବାଲିକୁଦା ନିର୍ବାଚନ ମଣ୍ଡଳୀର ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେଡି ପ୍ରତିଷ୍ଠାତା ସଦସ୍ୟ ଦାମୋଦର ଜେନା ଅଧ୍ୟକ୍ଷତା କରିଥିଲେ। ବାଲିକୁଦାରେ ଦଳ ଯେଉଁ ସ୍ଥିତିରେ ରହିଛି ଏହାର ଫାଇଦା ବିରୋଧୀ ଉଠାଇବାକୁ ପ୍ରସ୍ତୁତ ହୋଇ ସାରିଲେଣି ବୋଲି ଆଲୋଚନା ହୋଇଥିଲା। ଦଳକୁ ପୂର୍ବ ସ୍ଥିତିକୁ ଫେରାଇ ଆଣିବାକୁ ଆମକୁ ଏକାଠି ହେବାକୁ ହେବ ବୋଲି ଜେନା କହିଥିଲେ। ବୈଠକରେ ବିଜେଡି ନେତା ସଞ୍ଜୀବ ବିଶ୍ୱାଳ ଯୋଗଦେଇ ବାଲିକୁଦାରେ ବିଜେଡି ବିପର୍ଯ୍ୟସ୍ତ ସ୍ଥିତି ରୋକିବା ପାଇଁ ଆମକୁ ସଜାଗ ପ୍ରହରୀ ହୋଇ ଦଳ ପାଇଁ କାମ କରିବାକୁ ପଡ଼ିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଗୋପାଳ ରାଉତ, ଅଳାଭର ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ତରାସାହି ସରପଞ୍ଚ ରାଜକିଶୋର ବେହେରା, ଦିବାକର ବେହେରା, ଯଯାତି କେଶରୀ ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, କୃଷ୍ଣଦାସପୁର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଭୋଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦଳରେ ଥିବା ସ୍ୱାର୍ଥବାଦୀଙ୍କ ବିରୋଧରେ ଲଢ଼େଇ କରିବାକୁ ସେମାନେ ଶପଥ ନେଇଥିଲେ। ପରେ ଗାଁର ଅସହାୟା ମହିଳା ଉଲତା ବେହେରା ଓ ସଞ୍ଜୁ ସେଠୀଙ୍କୁ ବିଶ୍ୱାଳ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।





ବୈଠକରେ ସାମିଲ ହୋଇଥିବା ବିଜେଡି କର୍ମୀମାନେ।

## ବ୍ରାହ୍ମଣୀ ବନ୍ୟା ନିରୋଧକ ବନ୍ଧ ଡଗରାପାଳଠାରେ ଘାଇ ହେବା ଆଶଙ୍କା

**ଅଞ୍ଚଳବାସୀ ଭୟଭୀତ**

ପଟ୍ଟାମୁଣ୍ଡାଇ, ୧୮।୭ (ଅକ୍ଷୟ ବିଶ୍ୱାଳ)

ଚିରସ୍ରୋତା ବ୍ରାହ୍ମଣୀ ବନ୍ୟା ନିରୋଧକ ବନ୍ଧ ନୀଳକଣ୍ଠପୁର, ହାଟପାଟଣା ମୁଣ୍ଡ, ଡଗରାପାଳ ଠାରେ ଘାଇ ହେବା ଆଶଙ୍କା ଦେଖାଦେଇଛି। ଏ ନେଇ ବନ୍ୟା ନିରୋଧକ ବନ୍ଧର ଅପରପାର୍ଶ୍ୱରେ ବସବାସ କରୁଥିବା ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଇଛି।

ସୂଚନାଯୋଗ୍ୟ, ୧୯୭୫ ଓ ୧୯୮୨ ବ୍ରାହ୍ମଣୀ ନଦୀ ବନ୍ୟାରେ ଡଗରାପାଳଠାରେ ୨ ଥର ଘାଇ ହୋଇ ବ୍ୟାପକ ଧନ ଜୀବନ ନଷ୍ଟ କରିଥିଲା। ବହୁ ଘର ଭାଙ୍ଗି ଯାଇଥିଲା। ଏଥିସହ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଉପରମୁଣ୍ଡରେ ଘାଇ ହେବାରୁ ଉତିକଣ ଭେଡାରେ ବହୁ ଧାନ ଫସଲ ମଧ୍ୟ ନଷ୍ଟ ହୋଇଥିଲା। ବନ୍ୟା ବନ୍ଧର ସୁରକ୍ଷା ନେଇ ହାଟପାଟଣା, ନୂଆପଡ଼ା, କଦଳୀପାଟଣା, ଅରୁଆ ପ୍ରଭୃତି ଗ୍ରାମବାସୀ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରିଥିଲେ ମଧ୍ୟ ତହସିଲଦାର ଦିଲୀପ ସେଠୀ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଦୈନିକ ଶତାଧିକ ଟ୍ରକ ,ହାଇୱା ଓ ଟ୍ରାକ୍ଟରରେ ବ୍ରାହ୍ମଣୀ ପଠାରୁ ବେଆଇନ ଭାବେ ବାଲିମାଟି ଉଠାଣ ଚାଲିଛି। ଫଳରେ ଡଗରାପାଳଠାରେ ବନ୍ୟା ନିରୋଧକ ବନ୍ଧରୁ ବର୍ଷା କାଦୁଅରେ ମାଟି ଖସି ବନ୍ଧ ଦୁର୍ବଳ ହେଉଛି। ବ୍ରାହ୍ମଣୀରେ ଅଧିକ ବନ୍ୟା ଜଳ ଆସିଲେ ସେ ସ୍ଥାନ ବୁଡ଼ିଯିବ ଓ ବନ୍ଧରେ ଘାଇ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ତହସିଲଦାର ସେଠୀଙ୍କୁ ପଚାରିବାରୁ ଆରଆଇ ଓ ରାଜସ୍ୱ ସୁପରଭାଇଜରଙ୍କୁ ପଠାଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଇତି ମଧ୍ୟାରେ ୧୦ ଦିନ ବିତିଯାଇଥିଲେ ମଧ ତହସିଲଦାର କୌଣସି ପଦକ୍ଷେପ ନେଇନାହାନ୍ତି। ବାଲି ମାଟି ଉଠାଣ ବନ୍ଦ କରିବା ସହିତ ବ୍ରାହ୍ମଣୀ ବନ୍ୟା ବନ୍ଧର ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ନିରଞ୍ଜନ ମହାନ୍ତି, ତ୍ରିଲୋଚନ ମହାନ୍ତି, ଉମାକାନ୍ତ ନାୟକ, ଅକ୍ଷୟ ଦାସ, ଭୁପତି ମୋହନ ପଣ୍ଡା, ତ୍ରିଲୋଚନ ମଳିକ, ଶୁଭଜ୍ୟୋତି ଦାସ, ମନମୋହନ କୁଣ୍ଡ, ଅଜୟ କୁମାର ଦାସ ପ୍ରମୁଖ ଦାବି କରିଛନ୍ତି।



ବ୍ରାହ୍ମଣୀ ବନ୍ୟା ନିରୋଧକ ବନ୍ଧ।

## ସଂକ୍ଷେପରେ

### ଚୋରି ବାଇକ୍ ଉଦ୍ଧାର କରି ପୋଲିସ ଜିମା ଦେଲେ

#### ଧରାପଡ଼ିଲେ ବାଇକ୍ ଚୋର



**ନୟାଗଡ଼, ୧୮।୭ (ଲୋକନାଥ ମିଶ୍ର):** ଗଞ୍ଜେଇ ସେବନ ସମୟରେ ଜଣେ ବାଇକ୍ ଚୋର ଧରାପଡିଛନ୍ତି। ସେ ବ୍ୟବହାର କରୁଥିବା ବାଇକ୍‌କୁ ଉଦ୍ଧାର କରି ନୟାଗଡର ଲୋକମାନେ ନୟାଗଡ଼ ଟାଉନ ଥାନା ପୋଲିସ ଜିମା ଦେଇଛନ୍ତି । ପୋଲିସ ଇଟାମାଟି ଥାନା ଇଟାମାଟି ଦେଉଳସାହିର ଶ୍ରୀଧର ପ୍ରଧାନ(୨୬) ନାମକ ବାଇକ୍ ଚୋରକୁ ନିଜ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ ଗତ ୧୪ ତାରିଖରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଭିତରୁ ଓଡି୧୩ସି ୪୫୩୭ ନଂ. ବାଇକ ଚୋରି ହୋଇଥିଲା । ନୟାଗଡ଼ ମ୍ୟୁନିସିପାଲିଟିର କର୍ମଚାରୀ ପ୍ରଦୀପ୍ତ କୁମାର ଦାଶ ଜିଲା ମୁଖ୍ୟ ଚିକିତ୍ସାଳୟ ଭିତରେ ପୂର୍ବାହ୍ନରେ ବାଇକ ରଖି ଜନ୍ମମୃତ୍ୟୁ ପଞ୍ଜିକରଣ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରୁ ୪୦ ମିନଟ ପରେ ବାହାରିବା ପରେ ବାଇକ୍ ନ ଥିଲା । ଖୋଜାଖୋଜି ପରେ ନ ମିଳିବାରୁ ଥାନାରେ ଅଭିଯୋଗ କରିଥିଲେ । ମଙ୍ଗଳବାର ପ୍ରଦୀପ୍ତଙ୍କ ବାଇକଟି ଟ୍ରାଫିକ ଛକରେ ରହିଥିବା ଦେଖିବାକୁ ମିଳିଥିଲା। ତେବେ ବାଇକ୍‌ରେ ନୂଆ ନମ୍ବର ପ୍ଲେଟ ଲାଗିଥିଲା । କେତେଜଣ ଲୋକ ବାଇକ୍‌କୁ ଦେଖି ପ୍ରଦୀପ୍ତଙ୍କୁ ଖବର ଦେଇଥିଲେ । ପ୍ରଦୀପ୍ତ ବାଇକ୍‌କୁ ଚିହ୍ନଟ କରିବା ପରେ ଚୋରକୁ ଚିହ୍ନଟ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା । ବାଇକ୍ ଚୋର ଇଟାମାଟି ଦେଉଳସାହିର ଶ୍ରୀଧର ପ୍ରଧାନ ଚୋରା ବାଇକ୍‌କୁ ଟ୍ରାଫିକ ଛକରେ ରଖି ଶୌଚାଳୟରେ ଗଞ୍ଜେଇ ଖାଉଥିଲେ। ସ୍ଥାନୀୟ ଯୁବକମାନେ ତାଙ୍କୁ ଚିହ୍ନଟ କରି ବାଇକ୍ ଚୋରି ନେଇ କଥା ଆଦାୟ କରି ପୋଲିସକୁ ଖବର ଦେଇଥିଲେ ।

### ବସନ୍ତ କୁମାର ବିଦ୍ୟାପୀଠରେ ପ୍ରତିଷ୍ଠା ଦିବସ

**ଖଣ୍ଡପଡା,୧୮।୭(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ ଅଧୀନ ବାଣପୁର ପଞ୍ଚାୟତସ୍ଥିତ ବସନ୍ତ କୁମାର ବିଦ୍ୟାପୀଠର ମଙ୍ଗଳବାର ୩୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସନାତନ ମହାନ୍ତିଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ବସନ୍ତ କୁମାର ସ୍ୱାଇଁଙ୍କ ଉତ୍ତରଦାୟାଦ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ଉକ୍ତ ସ୍କୁଲ ସାମିଲ ହୋଇଥିବାରୁ ସେ ସରକାରଙ୍କୁ ସାଧୁବାଦ ଜଣାଇଥିଲେ । ପରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କୁ ପ୍ରଶଂସା ପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଜନ୍ମେଶ୍ୱର ପ୍ରଧାନ, ହେମନ୍ତ କୁମାର ଜେନା, ପଣ୍ଡିତ ମନୋଜ କୁମାର ଦାସ, ନବ କିଶୋର ପ୍ରଧାନ ଯୋଗଦେଇଥିଲେ। ଚିତ୍ତରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆଗାଁ ବ୍ଲକରେ ଭୂତ ନେଉଛି ଭତ୍ତା

- କାରଣ ଦର୍ଶାଅ ନୋଟିସ୍ ଜାରି କଲେ ବିଡିଓ
- ଅଭିଯୋଗ ପରେ ବି ହେଉନି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ

**ନୂଆଗାଁ,୧୮।୭(ଧନେଶ୍ୱର ସାହୁ)**

ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଦିଆଯାଉଛି । ହେଲେ ଯଦି କୌଣସି ହିତାଧିକାରୀଙ୍କ ପରଲୋକ ଘଟେ ତାଙ୍କ ନାମରେ ପ୍ରଦାନ କରାଯାଉଥିବା ଭତ୍ତା ବନ୍ଦ କରିବାର ନିୟମ ରହିଛି । ହେଲେ ଦାୟିତ୍ୱରେ ଥିବା କର୍ମଚାରୀମାନେ ସେ ସଂକ୍ରାନ୍ତରେ କୌଣସି ଗୁରୁତ୍ୱ ଦେଉନାହାନ୍ତି କିମ୍ବା ହିତାଧିକାରୀଙ୍କ ସମ୍ପର୍କୀୟମାନେ ଏ ନେଇ ଆବଶ୍ୟକ ସୂଚନା ଦେଉ ନ ଥିବାରୁ ଭତ୍ତା ପ୍ରଦାନ ନିୟମିତ ଚାଲିଛି । ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଫଳରେ ଦୁର୍ନୀତିରେ ଲିପ୍ତ କର୍ମଚାରୀ ବେପରୱା ହେଉଛନ୍ତି। ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଏପରି ଅଭିଯୋଗ ଆସିଛି ।

ସରକାରଙ୍କ ଭତ୍ତା ଯୋଜନାରେ ବୟସ୍କ, ଅସହାୟ ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ସହାୟତା ପାଉଛନ୍ତି। ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ ସେହି ଭତ୍ତା ଟଙ୍କାକୁ ନିଜ ଇଚ୍ଛା ମୁତାବକ ଖର୍ଚ୍ଚ କରି ପାରୁଛନ୍ତି । ୬୦ ବର୍ଷ ହୋଇଗଲେ ଲୋକମାନେ ଭତ୍ତା ଅପେକ୍ଷାରେ ରହୁଛନ୍ତି । ହେଲେ ଟାର୍ଗେଟ ନ ଥିବା ଯୋଗୁ ନୂଆଗାଁ ବ୍ଲକରେ ୬୦ ପରିବର୍ତ୍ତେ ୬୪ ବର୍ଷର ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ନୂଆଗାଁ ବ୍ଲକରେ ଭତ୍ତା ବିଭାଗ ଅଧିକାରୀ ଟାର୍ଗେଟ ଫୁଲ୍ ଥିବା କହୁଥିବା ବେଳେ ଅଧିକାଂଶ ପଞ୍ଚାୟତରେ ହିତାଧିକାରୀଙ୍କ ପରଲୋକ ପରେ ବି ସେମାନଙ୍କ ନାମରେ ଟଙ୍କା ଦିଆଯାଉଥିବା ଅଭିଯୋଗ ହେଉଛି । ମାଳିସାହି ପଞ୍ଚାୟତ ସାନହାମରା ଗ୍ରାମର ରାମାନୁଜ ପ୍ରଧାନଙ୍କ ପରଲୋକ ତା ୧୨।୨।୨୦୨୨ରେ ହୋଇଥିବା ବେଳେ ଭତ୍ତା ଟଙ୍କା ଦିଆଯାଇଥିବା ଦର୍ଶାଯାଇଛି । ସେହିପରି ଚାହାଲି ପଞ୍ଚାୟତର ସତ୍ୟଭାମା ମିଶ୍ରଙ୍କ ତା୧୧।୧୨।୨୦୨୨ରେ ପରଲୋକ ଘଟିଥିଲା । କିନ୍ତୁ ଚଳିତ ମାସରେ ଭତ୍ତା ଟଙ୍କା ଦିଆଯାଇଛି । ଅର୍ଥାତ୍ ପରଲୋକ ହେବାର ୭ ମାସ ପର୍ଯ୍ୟନ୍ତ ସମ୍ପୃକ୍ତ ହିତାଧିକାରୀଙ୍କ ନାମରେ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି । ସେହିପରି ବାଞ୍ଛା କାଠୁଆଙ୍କ ପରଲୋକ ତା୩।୨।୨୩, ମାଟିଆଣି ସାହୁଙ୍କ୧୪।୨।୨୩, ମନ୍ଦ ନାଥଙ୍କ ପରଲୋକ ତା୨୬।୬।୨୨ରେ ହୋଇଥିଲେ ମଧ୍ୟ ଚଳିତ ମାସ ସୁଦ୍ଧା ସେମାନଙ୍କ ନାମରେ ଭତ୍ତା ଟଙ୍କା ଦିଆଯାଇଥିବା ଅଭିଯୋଗ ହୋଇଛି ।

ଏ ବାବଦରେ ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣସାରିକା ଜେନାଙ୍କୁ ପଚାରିବାରେ ଟଙ୍କା ସେମାନଙ୍କ ବ୍ୟାଙ୍କ ଜମା ଖାତାକୁ ସିଧାସଳଖ ଯାଉଛି । ତେଣୁ ଆମେ କେମିତି ଜାଣିବୁ । ତା’ଛଡା ଯେଉଁ ପଞ୍ଚାୟତର ହିତାଧିକାରୀଙ୍କ ପରଲୋକ ଘଟୁଛି ସେ ସଂକ୍ରାନ୍ତରେ ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆମକୁ ଜଣାଇଲେ ଆମେ ସେହି ବ୍ୟକ୍ତିଙ୍କ ନାମ ତାଲିକାରୁ କାଟି ଦିଅନ୍ତୁ । କିନ୍ତୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅବହେଳାରୁ ଏପରି ବିଶୃଙ୍ଖଳା ହେଉଛି ବୋଲି କହିଛନ୍ତି ସାମାଜିକ ସୁରକ୍ଷା ଅଧିକାରୀ ଜେନା । ଏ ବାବଦରେ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ଅବଗତ ହେବା ପରେ ସଂପୃକ୍ତ ପିଇଓଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ।



ନୂଆଗାଁ ବ୍ଲକ କାର୍ଯ୍ୟାଳୟ ।

# ୫-ଟି ସଚିବଙ୍କ ଗସ୍ତକୁ କଂଗ୍ରେସର ବିରୋଧ

## ନୟାଗଡ଼, ଓଡ଼ଗାଁରେ ୨ ଘଣ୍ଟିଆ ବିକ୍ଷୋଭ ନିଷ୍ପତ୍ତି

**ନୟାଗଡ/ଓଡ଼ଗାଁ,୧୮।୭ (ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ)**

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ନୟାଗଡ଼ ଗସ୍ତକୁ ଗଣତନ୍ତ୍ରର ହତ୍ୟା ଦର୍ଶାଇ ଜିଲା କଂଗ୍ରେସ ନୟାଗଡ଼ ଏବଂ ଓଡ଼ଗାଁରେ ଆସନ୍ତା ୨୦ରେ ବିକ୍ଷୋଭ କରିବ। ନୟାଗଡ଼ ତ୍ରିନାଥ ଛକ ଏବଂ ଓଡ଼ଗାଁ ବ୍ଲକ ଛକରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ୨ ଘଣ୍ଟିଆ ବନ୍ଦ ଡାକରା ନେଇ କଂଗ୍ରେସ ପକ୍ଷରୁ ନୟାଗଡ଼ ଏସ୍‌ପିଙ୍କୁ ଅବଗତ କରାଇଛି। ଜିଲା କଂଗ୍ରେସର ସଭାପତି ରଣଜିତ୍ ଦାଶଙ୍କ ଅଭିଯୋଗ ଅନୁସାରେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ଅନେକ କ୍ୟାବିନେଟ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ ପ୍ରମୁଖ ସରକାରୀ ଗସ୍ତରେ ନୟାଗଡ଼ ଜିଲାକୁ ଆସିଛନ୍ତି। ତେବେ ଚଳିତ ମାସ ୨୦ ଓ ୨୧ ତାରିଖରେ ୫-ଟି ସଚିବଙ୍କ ଗସ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରୋଟକଲସ୍ତରୀୟ ସୁରକ୍ଷା ପରି ଯେପରି ଆୟୋଜନ ଚାଲିଛି ତାହା ସମ୍ବିଧାନ ବିରୋଧୀ। ଜଣେ ସଚିବଙ୍କ ପାଇଁ ହେଲିପ୍ୟାଡ୍ ବ୍ୟବସ୍ଥା ପରି ହାଇ ପ୍ରୋଫାଇଲ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକଙ୍କ ପଦମର୍ଯ୍ୟାଦା ଓ ଗରିମାକୁ ଅପମାନିତ କରୁଛି। ସେହିପରି ସଚିବଙ୍କ ଗସ୍ତକୁ ସଫଳ କରିବାକୁ ବିଧାୟକ, ବ୍ଲକ ଚେୟାରମ୍ୟାନ, ଜିଲା ପରିଷଦ ଚେୟାରମ୍ୟାନ, ସରପଞ୍ଚପ୍ରଭୃତି ଲୋକ ପ୍ରତିନିଧି ଗାଁକୁ ଗାଁ ଓ ୱାର୍ଡକୁ ୱାର୍ଡ ଯାଇ ଲାଗି ପଡ଼ିଛନ୍ତି। ସଚିବଙ୍କ ଗସ୍ତକୁ ନେଇ ଯେଉଁ ବିକାଶର ବାର୍ତ୍ତା ବଣ୍ଟନ ହେଉଛି ତାହା ମୁଖ୍ୟମନ୍ତ୍ରୀ କରିଥିଲେ ଭଲ ହୋଇଥାନ୍ତା। କିନ୍ତୁ ଜଣେ ସରକାରୀ ଅଧିକାରୀ ବିକାଶର କାର୍ଯ୍ୟକୁ ସାର୍ବଜନୀନ କରିବା ଗଣତନ୍ତ୍ର ଥିଲା ପରି ଲାଗୁନି ବୋଲି ଦାଶ କହିଛନ୍ତି।

### ବଦଳିଲାନି ଓଡ଼ଗାଁର ଚିତ୍ର

ବିକାଶର ନାରା ଦିଆଯାଉଥିବାବେଳେ ଓଡ଼ଗାଁର ଚିତ୍ର ବଦଳୁନଥିବାରୁ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍ ହୋଇ ବିକାଶ ପାଇଁ ପଦକ୍ଷେପ ନେବାକୁ ଅବଗତ କରାଇଛି। ଏନେଇ କଂଗ୍ରେସ ପକ୍ଷରୁ କରାଯାଇଥିବା ଖବରଦାତା ସମ୍ମିଳନୀର ତଥ୍ୟ ଅନୁସାରେ ୨୪ ବର୍ଷ ହେଲା ଓଡ଼ଗାଁ ବ୍ଲକ ବିଜେଡି କ୍ଷମତାରେ ରହିଛି। ଏଠାରେ ଶାସକ ଦଳର ନୟାଗଡ଼ ଓ ରଣପୁର ଦୁଇ ବିଧାୟକ ଥିଲେ ହେଁ କାହିଁକି ଚିତ୍ର ବଦଳୁନି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଅନ୍ୟପକ୍ଷେ ଓଡ଼ଗାଁ ରାଜସ୍ୱ ଡିଭିଜନର ମାନ୍ୟତା ପାଇପାରିଲା ନାହିଁ। ଓଡ଼ଗାଁରେ ଏନଏସି କରାଯାଇଛି ହେଲେ ଅଦାଲତ ଜାଲରେ ଛନ୍ଦି ଜାଣିଶୁଣି ନିର୍ବାଚନ କରାଯାଉନି। ଓଡ଼ଗାଁ କଲେଜରେ ୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ ସତ୍ତ୍ୱେ ସ୍ୱୟଂଶାସିତ ମାନ୍ୟତା ସହ ସେଲ୍ଫ ଫାଇନାନ୍ସିଂ କୋର୍ସ କ୍ଷେତ୍ରରେ ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗର ପଦକ୍ଷେପ ନାହିଁ। ବ୍ଲକର ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ସ୍କୁଲରେ ଶିକ୍ଷକ ପଦବୀ ଖାଲିଥିବାବେଳେ ବିଡ଼ି, ସିଟି ତାଲିମପ୍ରାପ୍ତ ଛାତ୍ରୀଛାତ୍ର ଚାକିରି ପାଉନାହାନ୍ତି। ଜାଲ ସାର୍ଟିଫିକେଟରେ ଚାକିରି କରିଥିବା ଶିକ୍ଷକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନାହିଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ବର୍ଜ୍ୟବସ୍ତୁ ପୃଥକୀକରଣ ଯୋଜନା ବାଟବଣା

**ଶରଣକୁଳ,୧୮।୭ (ଦୀପକ କର)**

ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ପରିପ୍ରେକ୍ଷୀରେ ପ୍ରତ୍ୟେକ ଗ୍ରାମାଞ୍ଚଳରେ ବର୍ଜ୍ୟବସ୍ତୁ ପୃଥକୀକରଣ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟରେ ଗୃହ ନିର୍ମାଣ କରାଯାଇଛି। ହେଲେ ସେହି ଗୃହ ବ୍ୟବହାର ଉପଯୋଗୀ ହେଉ ନାହିଁ । ସମଗ୍ର ଓଡ଼ଗାଁ ବ୍ଲକର ରଣପୁର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୧୮ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ବର୍ଜ୍ୟବସ୍ତୁ ପୃଥକୀକରଣ ଗୃହ କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ବର୍ଜ୍ୟବସ୍ତୁ ପୃଥକୀକରଣ ନିମନ୍ତେ ପ୍ରତି ପଞ୍ଚାୟତରେ ଦେଢ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ଗୃହ ନିର୍ମାଣ କରାଯାଇଥିଲା । ୨୦୨୨-୨୩ରେ ସମଗ୍ର ବ୍ଲକ ଅଧୀନ ୩୬ ପଞ୍ଚାୟତରେ ୫୪ଲକ୍ଷ ଟଙ୍କା ବ୍ୟୟରେ ପ୍ରତି ପଞ୍ଚାୟତରେ ବର୍ଜ୍ୟବସ୍ତୁ ପୃଥକୀକରଣ ଗୃହ ନିର୍ମାଣ ହୋଇଥିଲା । କିନ୍ତୁ ଗାଁଠାରୁ ବହୁ ଦୂରରେ ନିର୍ମାଣ ହୋଇଥିବା ବର୍ଜ୍ୟବସ୍ତୁ ପୃଥକୀକରଣ ଗୃହରେ ବର୍ଜ୍ୟବସ୍ତୁ ପକାଇବା ନିମନ୍ତେ ସରକାର ପ୍ରତ୍ୟେକ ପଞ୍ଚାୟତକୁ ୨ଟି ଟ୍ରାଇ ସାଇକେଲ ଓ ଆଉ କେତେକ ପଞ୍ଚାୟତରେ ୩ଟି ଟ୍ରାଇସାଇକେଲ ବ୍ଲକ ତରଫରୁ ଯୋଗାଇ ଦେଇଥିଲେ । ଏହି ଯୋଜନାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ କାର୍ଯ୍ୟ କରିବା କଥା । ହେଲେ ସ୍ୱୟଂ ସହାୟିକା ଗୋଷ୍ଠୀ ଏହି କାମ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି।

ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଗ୍ରାମର ପ୍ରତ୍ୟେକ ପରିବାର ମାସକୁ ୫ଟଙ୍କା ଦେବାର ନିୟମ ରହିଛି । ହେଲେ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଉପରୋକ୍ତ ଯୋଜନା ବାଟବଣା ହୋଇଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏପରି କି ଅଧିକାଂଶ ପଞ୍ଚାୟତରେ ନିର୍ମିତ ବର୍ଜ୍ୟବସ୍ତୁ ପୃଥକୀକରଣ ଗୃହରେ ତାଲା ଝୁଲୁ ଥିବା ବେଳେ ଅନେକ ପଞ୍ଚାୟତରେ ଟିଣ ଉଡ଼ି ଯାଇଛି। ଫଳରେ ଉକ୍ତ ଗୃହ ନିର୍ମାଣର ୧ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ତାହା କୌଣସି କାମରେ ଆସୁ ନାହିଁ। ସେହିପରି ଏ ସଂକ୍ରାନ୍ତରେ ପଞ୍ଚାୟତ ତରଫରୁ କୌଣସି ସଚେତନତା ସୃଷ୍ଟି କରାଯାଉ ନାହିଁ । ଫଳରେ ଲୋକେ ବର୍ଜ୍ୟବସ୍ତୁକୁ ଏଣେ ତେଣେ ଫୋପାଡୁଛନ୍ତି। ଏବେ ବର୍ଷା ଋତୁରେ ବର୍ଜ୍ୟବସ୍ତୁ ବିଭିନ୍ନ ସ୍ଥାନରେ ପଡୁଥିବାରୁ ପରିବେଶ ଦୂଷିତ ହେଉଛି । ଏହା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବା ପଞ୍ଚାୟତବାସୀ କହିଛନ୍ତି ।



ଅବହେଳିତ ଭାବେ ପଡ଼ିଥିବା ବର୍ଜ୍ୟବସ୍ତୁ ପୃଥକୀକରଣ ଗୃହ।

### ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଚାରାରୋପଣ

**ନୟାଗଡ଼,୧୮।୭(ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକ କ୍ରିଦାସପୁର ପଞ୍ଚାୟତ ଜେମାଦେଇପୁର ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସଞ୍ଜୁବାଳା ବିଶ୍ୱାଳ ଯୋଗଦେଇ ଚାରା ରୋପଣର ଉପକାରିତା ବିଷୟରେ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ ଦଳବେହେରା ଯୋଗଦେଇ ଗଛ ହିଁ ଜୀବନ ଓ ଗଛ ବିନା ସୃଷ୍ଟି ଅସମ୍ଭବ ବୋଲି କହିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ପରିଦର୍ଶକ ଭରତ ବେହେରା, ସ୍ୱାସ୍ଥ୍ୟ କର୍ମୀ ସନ୍ତୋଷିନୀ ଶତପଥୀ, କମ୍ୟୁନିଟି ହେଲଥ ଅଫିସର ଜ୍ୟୋତିର୍ମୟୀ ଜେନାଙ୍କ ନେତୃତ୍ୱରେ ବିଭିନ୍ନ ଫଳନ୍ତି ଚାରା ରୋପଣ କରାଯାଇଥିଲା । ଅନୁପମା ମହାପାତ୍ର, ଆନନ୍ଦ ଚରଣ ପ୍ରଧାନ, ସୁଲୋଚନା ପାତ୍ର, ହୁଲାସା ପାତ୍ରଙ୍କ ସମେତ ଜନସାଧାରଣ ଏଥିରେ ସାମିଲ ହୋଇ ଔଷଧୀୟ ଚାରା ରୋପଣ କରିଥିଲେ।

### ଟାଉନ ଥାନାରେ ନୂଆ ଆଇଆଇସି

**ନୟାଗଡ଼,୧୮।୭(ଲୋକନାଥ ମିଶ୍ର)**

ନୟାଗଡ଼ ଟାଉନ ଥାନାରେ ଦିଗ୍ ବିଜୟୀ ବିଶ୍ୱାଳ ନୂଆ ଆଇଆଇସି ଭାବେ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଖୋର୍ଦ୍ଧା ଜିଲାର ଟାଙ୍ଗୀ ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରିଥିଲେ । ଏଠାରେ ଥିବା ପ୍ରଜ୍ଞା ପରମିତା ଜେନାଙ୍କ କେନ୍ଦ୍ରାପଡ଼ା ଜିଲାକୁ ବଦଳି ହେବା ପରେ ସେହି ପଦବୀ ଖାଲି ପଡିଥିଲା ।

# ସୁରକ୍ଷା ଦୃଷ୍ଟିରୁ ଗଡ଼ାରାସ୍ତାରୁ ଟାଇଲ କାଢ଼ି ଦିଆଗଲା

**ଖଣ୍ଡପଡ଼ା,୧୮।୭(ଅଜୟ କୁମାର ମହାରଣା)**

ବାରମ୍ବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପିଲାମାନଙ୍କ ସୁରକ୍ଷା ଦୃଷ୍ଟିରୁ ବାଧ୍ୟ ହୋଇ ସ୍କୁଲର ପ୍ରବେଶ ପଥ ଗଡ଼ା ରାସ୍ତାରୁ ଗ୍ଲେଜ ଟାଇଲକୁ କାଢ଼ି ଦେଇଛନ୍ତି ।

ପ୍ରକାଶ ଯେ, ନୂତନ ବେଶରେ ସଜ୍ଜିତ ହୋଇଛି ୫-ଟି ରୂପାନ୍ତରକରଣ ଯୋଜନାରେ ସାମିଲ ହୋଇଥିଲା କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠ । ମାତ୍ର କାମ ସମ୍ପନ୍ନ ପରେ ବିଭିନ୍ନ ସମସ୍ୟା ସାମ୍ନାକୁ ଆସିଥିଲା । ବର୍ଷା ଦିନେ ବିଦ୍ୟାଳୟ ପରିସରରେ ବର୍ଷାପାଣି ଜମା ହୋଇ ରହୁଛି । ସ୍କୁଲକୁ ପ୍ରବେଶ କରିବା ରାସ୍ତା ଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପାଇଁ ବିପଦ ପାଲଟି ଥିଲା । ଗଣିଆ- ଫତେଗଡ଼ ୪୮ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଏହି ନୋଡାଲ ବିଦ୍ୟାପୀଠରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୩ଶହରୁ ଊର୍ଦ୍ଧ୍ୱ ଛାତ୍ର ଅଧ୍ୟୟନ କରୁଛନ୍ତି । ଉକ୍ତ ବିଦ୍ୟାଳୟର ମୁଖ୍ୟ ଫାଟକଟି ରାଜ୍ୟ ରାଜପଥଠାରୁ ନିମ୍ନ ଭାଗରେ ରହିଥିବା ବେଳେ ଉକ୍ତ ଗଡା(ରାସ୍ତା)ରେ ଟାଇଲ ବିଛାଯାଇ ରାସ୍ତା ନିର୍ମାଣ କରାଯାଇଛି । ଅଳ୍ପ ବର୍ଷାରେ ଟାଇଲ ପଡିଥିବା ରାସ୍ତା ଉପରେ ଯାତାୟାତ କରିବା ବିପଦ ସଙ୍କୁଳ ପାଲଟିଛି । ଉକ୍ତ ଗଡ଼ାରେ ସତର୍କତାର ସହିତ ନ ଗଲେ ଗୋଡ ଖସିଯାଉଥିବା ନଜିର ରହିଛି । ପିଲାମାନଙ୍କ ସୁରକ୍ଷା ଦୃଷ୍ଟିରୁ ସଂପୃକ୍ତ ରାସ୍ତାରୁ ଟାଇଲକୁ ବାହାର କରାଯାଇ ବିକଳ୍ପ ବ୍ୟବସ୍ଥା କରାଯିବାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଖଣ୍ଡପଡା ବିଡିଓ, ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ। ବ୍ଲକ ପ୍ରଶାସନ ବିଭିନ୍ନ ଆଳ ଦେଖାଇ ଅଭିଯୋଗକୁ ଏଡାଇ ଯାଇଥିବା ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକ ଓ ପରିଚାଳନା କମିଟିର ସଭାପତି ଦିଲୀପ କୁମାର ସାହୁ ସୂଚନା ଦେଇଥିଲେ । ସଂପ୍ରତି ବର୍ଷା ଋତୁରେ ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ବିପଦ ସଙ୍କୁଳ ଗଡା ରାସ୍ତାରୁ ଟାଇଲ ଗୁଡିକ ତାଡି ଉଠାଇ ଦିଆଯାଇଥିବା ନାୟକ ଓ ସାହୁ ସୂଚନା ଦେଇଛନ୍ତି ।



# ବିଦ୍ୟୁତ୍ ବିଭ୍ରାଟ ବିରୋଧରେ ସିପିଏମ୍‌ର ବିକ୍ଷୋଭ

**ଦଶପଲ୍ଲା,୧୮।୭(ପ୍ରକାଶ କୁମାର ପାଣି)**

ସିପିଆଇ(ଏମ) ଦଶପଲ୍ଲା ଲୋକାଲ କମିଟିର କର୍ମୀମାନେ ଟାଟା କମ୍ପାନୀର ବିଦ୍ୟୁତ୍ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିଦ୍ୟୁତ୍ ସେବାରେ ଅବ୍ୟବସ୍ଥା ବିରୋଧରେ ସେମାନେ ସ୍ଲୋଗାନ ଦେବା ସହିତ ବିଭାଗୀୟ କର୍ମଚାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାରମ୍ବାର ବିଦ୍ୟୁତ୍ କାଟ୍ ବନ୍ଦ କରିବା। ମାସିକ ୨ଶହ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ଛାଡ କରିବା, ବିଦ୍ୟୁତ୍ ବିଲ୍ ଆଦାୟ ବେଳେ ଜୁଲୁମ ବନ୍ଦ କରିବା। ମିଟର ରିଡ଼ିଂରେ ଜାଲିଆତି ବନ୍ଦ କରିବା ଇତ୍ୟାଦି ମୁଖ୍ୟ ଦାବି ଥିଲା। ଏହି ଆନ୍ଦୋଳନରେ ସିପିଏମ୍‌ର ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା, ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ର,ଲୋକାଲ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ,ଯୁବ ନେତା ବିପିନ କୁମାର ବାଲୁ, ସୁଶାନ୍ତ ନାୟକ, ଶ୍ରମିକ ନେତା ଅଲେଖ ନାୟକ, କ୍ଷେତ ମଜଦୂର ନେତା ବିରଞ୍ଚି ନାୟକ, ଶ୍ୟାମ ସୁନାର ମୁଦୁଲି, କୃଷକ ନେତା ପୂର୍ଣ୍ଣ ଚନ୍ଦ୍ର ସାହୁ, ପ୍ରସନ୍ନ ମହାରଣା,ବିମ୍ବାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସଂଘର ଗୃହ ନିର୍ମାଣ ପାଇଁ ଭୂମି ପୂଜନ

**ଭାପୁର,୧୮।୭ (ଭରତ କୁମାର ବେହେରା)**

ଅତିଥିଙ୍କ ସହ ବରିଷ୍ଠ ନାଗରିକମାନେ ଚାରା ରୋପଣ କଲେ

ମଙ୍ଗଳବାର ଭାପୁର ବ୍ଲକ ବରିଷ୍ଠ ନାଗରିକ ସଂଘଗୃହର ଭୂମି ପୂଜନ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବରିଷ୍ଠ ନାଗରିକ ମଞ୍ଚସଂଘର ସମ୍ପାଦକ ଯୁଗଳ କିଶୋର ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପ୍ରମୋଦ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ତହସିଲଦାର ଲଗ୍ନଜିତ ବେହେରା, ମୃତାଶୟ ବିଶେଷଜ୍ଞ ଡାକ୍ତର ସୁକାନ୍ତ ପାଢୀ, ନୟାଗଡ଼ ଜିଲା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, ଭାପୁର ବ୍ଲକ ବିଜେଡି ସଭାପତି ଜିତେନ୍ଦ୍ର କୁମାର ରଣସିଂହ, କ୍ରିୟାନୁଷ୍ଠାନ କମିଟିର ସଭାପତି ରବିନ୍ଦ୍ର କୁମାର ପଟ୍ଟନାୟକ, ଭାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ନାୟକ, ବରିଷ୍ଠ ନାଗରିକ ସଂଘର ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ସମ୍ପାଦକ ପ୍ରଭାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ରମେଶ ଚନ୍ଦ୍ର ବରାଡ଼। ପ୍ରଥମ ପର୍ଯ୍ୟାୟରେ ବରିଷ୍ଠ ନାଗରିକ ମଞ୍ଚ ସଂଘର ଗୃହ ନିର୍ମାଣ ପାଇଁ ବିଧାୟକଙ୍କ ହାତପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ନିର୍ମାଣ ପାଇଁ ଯାହା ଖର୍ଚ୍ଚ ହେବ ଅବଶିଷ୍ଟ ସମସ୍ତ ଅର୍ଥ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ୮୨ଜଣ ବରିଷ୍ଠ ନାଗରିକଙ୍କୁ ନୟାଗଡ଼ ଜିଲା ଆରକ୍ଷୀ ଦେଇଥିବା ପରିଚୟପତ୍ର ଅତିଥିମାନେ ପ୍ରଦାନ କରିଥିଲେ । ବୈଠକ ପ୍ରାରମ୍ଭରୁ ଶ୍ରୀରାମ ବିହାର କଲ୍ୟାଣ ମଣ୍ଡପ ସାମ୍ନାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଚିହ୍ନଟ ହୋଇଥିବା ଜାଗାରେ ନଡ଼ିଆ ଭାଙ୍ଗି ବିଧାୟକ ଭୂମି ପୂଜନ କରିଥିଲେ। ପୂଜାର୍ଚ୍ଚନା କରିଥିଲେ ପଣ୍ଡିତ କେଳୁଚରଣ ନନ୍ଦ। ଏହାପରେ ବିଧାୟକ, ତହସିଲଦାର, ଉପାଧ୍ୟକ୍ଷ ଓ ସମସ୍ତ ବରିଷ୍ଠ ନାଗରିକମାନେ ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ।

# କୋର୍ଟ, ତହସିଲ ନିକଟ ସୂର୍ଯ୍ୟ ଘଡ଼ି ଅସୁରକ୍ଷିତ

**ଖଣ୍ଡପଡ଼ା,୧୮।୭ (ଅଜୟ କୁମାର ମହାରଣା)**

ପାନପିକ ପକାଇ ଅନବଦ୍ୟ କୃତିକୁ ଅସମ୍ମାନ କରାଯାଉଛି

ଖଣ୍ଡପଡ଼ା ତହସିଲ ଓ କୋର୍ଟ ନିକଟରେ ଥିବା ସୂର୍ଯ୍ୟଘଡିଟି ଏବେ ଅସୁରକ୍ଷିତ ଅବସ୍ଥାରେ ରହିଛି । ଏହି ଅନବଦ୍ୟ କୃତି ପରିସରରେ ପାନ ପିକ ପକାଯାଇ ଅସମ୍ମାନିତ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପଠାଣି ସାମନ୍ତଙ୍କ ଏହି କୃତୀ ବିଶ୍ୱ ଦରବାରରେ ପରିଚିତ ହୋଇଥିବା ବେଳେ ତାହା ସମ୍ପ୍ରତି ଅସୁରକ୍ଷିତ ଓ ଅଣଦେଖା ଅବସ୍ଥାରେ ରହିଛି ବୋଲି ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ କେବଳ ଓଡ଼ିଶାରେ ନୁହନ୍ତି, ସାରା ବିଶ୍ୱରେ ବହୁ ପରିଚିତ ନାମ । ସେ ଥିଲେ ଜଣେ ପ୍ରଖ୍ୟାତ ଜ୍ୟୋତିର୍ବିଦ୍ ଓ ସଂସ୍କୃତ ପଣ୍ଡିତ । ନିଜର ସାଧନା, ପ୍ରଗାଢ ଜ୍ଞାନ ଚିନ୍ତା ଓ ବିଚକ୍ଷଣ ବୁଦ୍ଧିରେ ଗଣିତ ଏବଂ ଜ୍ୟୋତିଷ ବିଦ୍ୟାକୁ ଆଧାର କରି ରାତିରେ ଗ୍ରହ ନକ୍ଷତ୍ରଙ୍କ ଗତି ବିଧି ଅନୁଧ୍ୟାନ କରୁଥିଲେ। ବ୍ରିଟିଶ ଶାସନ କାଳରେ ଦାମ୍ଭିକତାର ସହିତ ଗୋଟିଏ ବାଉଁଶ ନଳୀ ଓ ଦୁଇଟି କାଠି ସାହାଯ୍ୟରେ ପାହାଡ଼ର ଉଚ୍ଚତା ନିର୍ଣ୍ଣୟ କରିପାରିଥିଲେ। ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ର ଶେଖର ସିଂହ ହରିଚନ୍ଦନ ମହାପାତ୍ର ଗଣିତ ଓ ଜ୍ୟୋତିଷ ବିଦ୍ୟାରେ ପାରଦର୍ଶିତା ଅର୍ଜନ କରିଥିଲେ । ତାଙ୍କର ଅନ୍ୟ ଏକ ସ୍ମୃତି ହେଉଛି ସୂର୍ଯ୍ୟ ଘଡି । ତାଙ୍କ ଦ୍ୱାରା ନିର୍ମିତ ସୂର୍ଯ୍ୟ ଘଡିଟି କଟକ ରେଭେନ୍ସା କଲେଜଠାରେ ସ୍ଥାପିତ ହୋଇଥିବା ବେଳେ ତାଙ୍କ ପୁଅ ଗଦାଧର ସିଂହ ସାମନ୍ତଙ୍କ ହସ୍ତ ନିର୍ମିତ ସୂର୍ଯ୍ୟ ଘଡିଟି ଖଣ୍ଡପଡା ଦେୱାନୀ କୋର୍ଟ ଓ ତହସିଲ କାର୍ଯ୍ୟାଳୟ ସାମନାରେ ରହିଛି । ବହୁ ଜ୍ଞାନୀ ଓ ବିଜ୍ଞ ବ୍ୟକ୍ତି ଏହି ସୂର୍ଯ୍ୟ ଘଡିକୁ ଦେଖିବାକୁ ଆସିଥାନ୍ତି । ଏହାର ଅବସ୍ଥିତିକୁ ଦେଖି ମଧ୍ୟ ଆଶ୍ଚର୍ଯ୍ୟ ହୋଇଥାନ୍ତି। ଆହୁରି ମଧ୍ୟ ଜଣାପଡିଛି ଯେ, ପଠାଣି ସାମନ୍ତ ଜ୍ୟୋତିର୍ବିଦ୍ୟାରେ ଏମିତି ପାରଙ୍ଗମ ଥିଲେ ଯେ, ପୃଥିବୀର ଅକ୍ଷାଂଶ, ଦ୍ରାଘିମା ଏବଂ ପୃଥିବୀ ଢଳି ରହିଥିବା ୬୬.୫ ଡିଗ୍ରୀ ଅନୁସାରେ ସୂର୍ଯ୍ୟ ଘଡିଟି ନିର୍ମାଣ ହୋଇ ଥିବାରୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଠିକ ଭାବେ ସମୟ ଜଣାଯାଏ। ଏହି ସିଦ୍ଧାନ୍ତ ଦର୍ପଣ ଓ ବୈଜ୍ଞାନିକ ପଦ୍ଧତିରେ ସ୍ଥାପିତ ସୂର୍ଯ୍ୟ ଘଡି ଖଣ୍ଡପଡ଼ାର ଦୁଇଟି ଅମୂଲ୍ୟ ରତ୍ନ । ଏହି ଦୁଇଟି ରତ୍ନ ବିଶ୍ୱ ଦରବାରରେ ଭାରତର ଗର୍ବ ଓ ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିଛି। ମାତ୍ର ଖଣ୍ଡପଡ଼ା କୋର୍ଟ ଓ ତହସିଲ କାର୍ଯ୍ୟାଳୟର ନିକଟରେ ରହିଥିବା ବେଳେ ସତେ ଯେପରି କାହାର ନଜରକୁ ଆସୁନାହିଁ। ସେଠାରେ ଏକ ପିଣ୍ଡି ଉପରେ ସ୍ଥାପିତ ଏହି ସୂର୍ଯ୍ୟ ଘଡି ପରିସରକୁ ବିଭିନ୍ନ ସମୟରେ କୋର୍ଟ ଓ ତହସିଲ କାର୍ଯ୍ୟରେ ଆସୁଥିବା ଲୋକମାନେ ବିଭିନ୍ନ ବର୍ଜବସ୍ତୁ ପକାଉଥିବା ବେଳେ କେହିକେହି ପାନ ପିକ ପକାଇ ଏପରି ଏକ ଅମୂଲ୍ୟ କୃତୀ ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଥିବାରୁ ସାଧାରଣରେ ପ୍ରତିକ୍ରୀୟା ପ୍ରକାଶ ପାଇଛି । ଏହାଛଡା ପିଣ୍ଡିରେ ଲଗାଯାଇଥିବା ଗ୍ଲେଜ ଟାଇଲକୁ ମଧ କେହି ଅସାମାଜିକ ବ୍ୟକ୍ତି ଉପାଡି ନେଉଥିବା ଜଣାପଡିଛି ।

ଏ ସମ୍ପର୍କରେ ଖଣ୍ଡପଡ଼ା ବାର୍ ଆସୋସିଏଶନର ସମ୍ପାଦକ ବିକ୍ରମ କେଶରୀ ଦେଓ କୁହନ୍ତି, ଖଣ୍ଡପଡ଼ା ହୃଦୟ ଓ ପ୍ରଶାସନିକ ପେଣ୍ଠସ୍ଥଳୀ କଚେରି ପାଖରେ ଥିବା ଏହି ସୂର୍ଯ୍ୟ ଘଡିଟି ଅବହେଳିତ ଅବସ୍ଥାରେ ରହିଛି । ସନ୍ଧ୍ୟାରେ ଅସାମାଜିକ ଯୁବକଙ୍କ ଏହି ସ୍ଥାନଟି ନିଶା ସେବନର ପେଣ୍ଠସ୍ଥଳ ପାଲଟିଛି । କିଛି ବର୍ଷ ପୂର୍ବେ ଏହି ଘଡିର ଏକ ବାହୁକୁ କୌଣସି ବ୍ୟକ୍ତି ଭାଙ୍ଗି ଦେଇଥିଲେ ଏବଂ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଏହାକୁ ଉଦ୍ଧାର କରି ପ୍ରଶାସନକୁ ହସ୍ତାନ୍ତର କରିଥିଲେ । ଏ ସମ୍ପର୍କରେ ପ୍ରଶାସନକୁ ବହୁ ଅନୁରୋଧ କରିବା ପରେ ଉକ୍ତ ବାହୁକୁ ଲଗାଯାଇଥିଲା । ପୁଣି କିଛି ଦିନ ପରେ କେହି ସେହି ବାହୁକୁ ଭାଙ୍ଗି ଦେଇଥିଲେ । ଏବେ ଉକ୍ତ ବାହୁଟି ଖଣ୍ଡପଡା ତହସିଲଦାର ନାଜିର ଖାନାରେ ରଖାଯାଇଛି । ଏହାର ରକ୍ଷଣାବେକ୍ଷଣ ନିମନ୍ତେ ପ୍ରଶାସନ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଦେଓ ପ୍ରକାଶ କରିଥିଲେ । ରାଜ୍ୟ ସରକାର ପୂଜ୍ୟପୂଜାକୁ ଓ ଐତିହ୍ୟର ସୁରକ୍ଷାକୁ ଗୁରୁତ୍ୱ ଦେଉଥିବା ଡିଣ୍ଡିମ ପିଟୁଥିବା ସ୍ଥଳେ ସୂର୍ଯ୍ୟ ଘଡିକୁ ବିନାଶ ଆଡକୁ ଠେଲି ଦେବା ପରିତାପର ବିଷୟ ବୋଲି ସେ କହିଛନ୍ତି ।



ଖଣ୍ଡପଡ଼ାରେ ଥିବା ସୂର୍ଯ୍ୟଘଡ଼ି।

# ରେଳ ପରେ ରାଜପଥକୁ ନେଇ ଭୟ




ଭୁଶୁଡ଼ି ପଡିଥିବା ବ୍ରିଜ୍।

## ୧୫ ବର୍ଷରେ ଭୁଶୁଡ଼ିଗଲା ବ୍ରିଜ୍

■ ନିମ୍ନମାନର କାମକୁ ଦାୟୀ କଲେ ଲୋକେ

ଯାଜପୁର/ରସୁଲପୁର,୧୮।୭ (ହର୍ଷବର୍ଦ୍ଧନ ବେହେରା/ରଞ୍ଜିତ ରାଉତ) :

ଯାଜପୁର ଜିଲା ରସୁଲପୁର ବ୍ଲକ କାର୍ଯ୍ୟାଳୟ ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ଥିବା ଏକ ବ୍ରିଜ୍ ମଙ୍ଗଳବାର ପୂର୍ବାହ୍ନରେ ୧୦ ଫୁଟ ତଳକୁ ଦବିଯାଇଛି। ସୌଭାଗ୍ୟବଶତଃ ସେହି ସମୟରେ କାହାରି ଯାତାୟାତ ନ ଥିବାରୁ ମୃତାହତ ବା ଦୁର୍ଘଟଣା ଘଟିନାହିଁ। କିନ୍ତୁ କିଛି ମୁହୂର୍ତ୍ତ ପୂର୍ବରୁ ଘଟଣାସ୍ଥଳକୁ ଏକ ଯାତ୍ରୀବାହୀ ବସ୍ ପାର ହୋଇଥିବାବେଳେ ପଛରେ ଆସୁଥିବା ଟ୍ରକ୍ ଓ ଟ୍ରାକ୍ଟର ଅଳ୍ପକେ ବର୍ତ୍ତି ଯାଇଛି। ଗତ ଜୁନ୍ ୨ରେ ବାଲେଶ୍ୱର ଜିଲା ବାହାନଗାଠାରେ ଟ୍ରିପଲ ଟ୍ରେନ ଦୁର୍ଘଟଣାରେ ୨୯୪ ଜଣଙ୍କ ମୃତ୍ୟୁକୁ ନେଇ ରେଳପଥରେ ଯାତ୍ରା କରିବାକୁ ଲୋକେ ଭୟ କରୁଛନ୍ତି। ଏବେ ଉପରୋକ୍ତ ଘଟଣା ଯୋଗୁ ରାଜପଥରେ ସୁରକ୍ଷିତ ଯାତାୟାତକୁ ନେଇ ଲୋକେ ଚିନ୍ତାରେ ପଡ଼ିଛନ୍ତି। ଉଭୟ ରେଳପଥ ଏବଂ ରାଜପଥ କେନ୍ଦ୍ର ସରକାରଙ୍କ ଅଧୀନରେ ପରିଚାଳିତ ହେଉଥିବାବେଳେ ଯାତ୍ରୀ ସୁରକ୍ଷା, ଉନ୍ନତ ମାନର ନିର୍ମାଣ କାର୍ଯ୍ୟ ଓ ଯନ୍ତ୍ରାଂଶ ବିନିଯୋଗକୁ ଅଣଦେଖା କରାଯାଉଥିବାରୁ ଏଭଳି ଦୁର୍ଘଟଣାମାନ ଘଟୁଥିବା ମତପ୍ରକାଶ ପାଇଛି। ରସୁଲପୁରର ଉକ୍ତ ବ୍ରିଜ୍ ନିର୍ମାଣ ନିମ୍ନମାନର ହୋଇଥିବାରୁ ତାହା ମାତ୍ର ୧୫ ବର୍ଷରେ ଭୁଶୁଡ଼ିପଡ଼ିଲା ବୋଲି ଲୋକେ ଅଭିଯୋଗ କରୁଛନ୍ତି।

### ଯୋଡ଼େଇ ସ୍ଥାନରେ ଫାଟ

ଏହି ଦୁର୍ଘଟଣା ରାଜପଥ ଉପରିସ୍ଥ ପୁରୁଣା ବ୍ରିଜଗୁଡ଼ିକର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଠାରେ ଘଟିଥିବା ଘଟଣା ରାଜପଥ କର୍ତ୍ତୃପକ୍ଷ ଓ ଠିକାସଂସ୍ଥାକୁ ସତର୍କ କରାଇ ଦେଇଛି। ଆଗକୁ ଯେମିତି ଏହି ଘଟଣାର ପୁନରାବୃତ୍ତି ନଘଟେ, ସେଥିପ୍ରତି ବିଭାଗ ଯତ୍ନବାନ ହେବାକୁ ଯୋଜନା କରୁଛି ବୋଲି ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି।

### ସବୁ ପୁରୁଣା ବ୍ରିଜ୍‌କୁ ପୁନଃ ମରାମତି ଦାବି

ବ୍ରିଜ୍ ଭୁଶୁଡ଼ି ପଡ଼ିବା ଘଟଣା ରାଜପଥ ଦେଇ ଯାତାୟାତ କରିବା ପାଇଁ ଜନସାଧାରଣଙ୍କ ମନରେ ଭୟ ସୃଷ୍ଟି କରୁଛି। ରାଜପଥ ନିର୍ମାଣର ସ୍ଥାୟିତ୍ୱ ଉପରେ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ସବୁ ପୁରୁଣା ପୋଲକୁ ପୁନଃ ମରାମତି କରାଯାଉ। ଠିକାସଂସ୍ଥାର ଲାଇସେନ୍ସକୁ ବାତିଲ କରିବା ସହ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

### ତଦନ୍ତ ପାଇଁ ଦିଲ୍ଲୀରୁ ଆସିବେ ବୈଷୟିକ ଦଳ

ପୋଲ ଭୁଶୁଡ଼ିବା ଭଳି ଦୁର୍ଘଟଣାକୁ ଗୁରୁତର ସହ ନେଇଛି ରାଜପଥ କର୍ତ୍ତୃପକ୍ଷ। ପିଅର କ୍ୟାପ୍‌ରେ ତ୍ରୁଟି ଘଟିବା ଦୁର୍ଘଟଣାର କାରଣ ହୋଇପାରେ ବୋଲି ପ୍ରାଥମିକ ତଦନ୍ତ ବେଳେ ଆକଳନ କରାଯାଉଛି। ତଥାପି ଦୁର୍ଘଟଣାର ବାସ୍ତବ କାରଣ ଖୋଜିବା ପାଇଁ ଦିଲ୍ଲୀରୁ ବୈଷୟିକ ଦଳ ଆସିବେ ବୋଲି ରାଜପଥ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାଯାଇଛି।

### ସ୍ଥିତି ଅନୁଧ୍ୟାନ କଲେ ଜନପ୍ରତିନିଧି, ରାଜପଥ କର୍ତ୍ତୃପକ୍ଷ

ଦୁର୍ଘଟଣା ଖବର ଜାଣିବା କ୍ଷଣି ରାଜପଥ କର୍ତ୍ତୃପକ୍ଷ ଆଞ୍ଚଳିକ କାର୍ଯ୍ୟାଳୟର ଜିଏମ ବୀରେନ୍ଦ୍ର ସିଂ, ବାଲେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ସମେତ ବହୁ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ରାଜପଥ ଉପର ପୋଲ ଭୁଶୁଡ଼ି ପଡ଼ିବା ଦୁର୍ଭାଗ୍ୟଜନକ ଘଟଣା ବୋଲି ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ। ଏମ୍‌ପି ସେଠୀ ଏହି ଘଟଣାକୁ ସଂସଦର ମୌସୁମୀ ଅଧିବେଶନରେ ଉପସ୍ଥାପନ କରିବେ ବୋଲି କହିଛନ୍ତି। ନିର୍ମାଣ କାର୍ଯ୍ୟକୁ ଠିକ୍ ଭାବରେ ତଦାରଖ କରାଯାଉ ନଥିବାରୁ ଏଭଳି ଘଟଣା ଘଟିଲା। ଏଥିପାଇଁ ସେ ଠିକା ସଂସ୍ଥା ଓ କାମ ତଦାରଖ କରୁଥିବା ଅଧିକାରୀଙ୍କୁ ଦାୟୀ କରିଛନ୍ତି।

### ଟ୍ରାକ୍ଟର ମାଲିକଙ୍କ ଯୋଗୁ ବର୍ତ୍ତିଲା ଅନେକ ଗାଡ଼ି

ଖଣ୍ଡିତର ଗାଁରୁ କୁଆଖିଆକୁ ଟ୍ରାକ୍ଟର ନେଇ ଆସୁଥିଲେ ମନୋରଞ୍ଜନ ସାହାଣୀ(ମୁନା)। ତାଙ୍କ ସମ୍ମୁଖରେ ଦୁର୍ଘଟଣା ଘଟିଲା। ସେ ଅଳ୍ପକେ ବର୍ତ୍ତିଗଲେ ଓ ଅନ୍ୟ ଗାଡ଼ିଗୁଡ଼ିକୁ ନିଶ୍ଚିତ ଦୁର୍ଘଟଣାରୁ ବଞ୍ଚାଇ ଥିଲେ। ବ୍ରିଜ୍ ନିକଟରେ ପହଞ୍ଚିବାକୁ ମାତ୍ର ୩୦ ମିଟର ଦୂର ଥିଲା। ଏକ ବଡ଼ ଶବ୍ଦ ଶୁଣି ଦେଖିଲେ ଯେ ବ୍ରିଜ୍‌ର ଏକ ମୁଣ୍ଡ ଦବି ଯାଉଛି। ଏହା ଜାଣି ସେ ଗାଡ଼ିକୁ ଅଟକାଇ ଦେଇ ଉକ୍ତ ରାସ୍ତାରେ ଆସୁଥିବା ଅନ୍ୟ ଗାଡିଗୁଡ଼ିକର ଦିଗ ପରିବର୍ତ୍ତନ କରାଇଥିଲେ। ଘଟଣାସ୍ଥଳରେ କୁଆଖିଆ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ଘଟଣାସ୍ଥଳରେ ପହଞ୍ଚି ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସମ୍ଭାଳି ଥିଲେ।

### ଭାରିଯାନ ଚଳାଚଳ କାରଣ ନୁହେଁ

ବ୍ରିଜ କାହିଁକି ଭୁଶୁଡିଲା ତାହା ବୈଷୟିକ କଥା। ସେନେଇ କିଛି କହି ହେବ ନାହିଁ। କିନ୍ତୁ ବ୍ରିଜ ପୁନଃ ନିର୍ମାଣ ପାଇଁ ବହୁ ସମୟ ଲାଗିବ। ଏବେ ଯାତାୟାତ ସାମାନ୍ୟ ବାଧାପ୍ରାପ୍ତ ହୋଇଛି। ଗୋଟିଏ ବ୍ରିଜ୍ ଉପରେ ସବୁ ଗାଡି ଯାତାୟାତ କରିବ। ସେଥିପାଇଁ ଭାରିଯାନ ଗାଡ଼ିଗୁଡ଼ିକୁ କମ୍ ଗତିରେ ଯିବାକୁ ନିର୍ଦ୍ଦେଶ ଦିଆଯାଉଛି। ୫୫ ଟନ ବିଶିଷ୍ଟ ଗାଡ଼ି ଚଳାଚଳ କରିବାକୁ ଏନଏଚ ରାସ୍ତା ନିର୍ମାଣ ହେଉଛି। ତେଣୁ ସେହି ଗାଡ଼ିଗୁଡ଼ିକୁ ମନା କରିହେବ ନାହିଁ। ବ୍ରିଜ ଭୁଶୁଡିବା ମଧ୍ୟ ଭାରିଯାନ କାରଣରୁ ନୁହେଁ।

–ନୀଳକଣ୍ଠ ପ୍ରଧାନ, ଆର୍‌ଟିଓ, ଯାଜପୁର

### ବର୍ତ୍ତିଗଲେ ୬୦ ଯାତ୍ରୀ

ଘର ଛାତ ଉପରେ ଠିଆ ହୋଇଥିବାବେଳେ ଏକ ପ୍ରଚଣ୍ଡ ଶବ୍ଦ ହେଲା। ଏହାଶୁଣି ଘଟଣାସ୍ଥଳରେ ପହଞ୍ଚି ଦେଖିଲା ବେଳକୁ ବ୍ରିଜ୍‌ଟି ଭୁଶୁଡ଼ି ପଡ଼ିଛି। ଯାଜପୁର ରୋଡ୍‌ରୁ ପ୍ରାୟ ୬୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ମା' ବସ ଠିକ୍ ଅତିକ୍ରମଣ କରି ସାରିବା ପରେ ଏହି ଘଟଣା ଘଟିଥିବାରୁ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି।

–ସୁରେନ୍ଦ୍ର ସାହୁ, ରସୁଲପୁର

### ବୈଷୟିକ ତ୍ରୁଟି ଦାୟୀ

କୁଆଖିଆରୁ ଘରକୁ ଫେରୁଥିବାବେଳେ ରାସ୍ତାର ଅପରପାର୍ଶ୍ୱରେ ଥିବା ବ୍ରିଜର ଗୋଟିଏ ସ୍ଥାନ ଗଳି ପଡ଼ିଥିଲା। ବୈଷୟିକ ତ୍ରୁଟି ଯୋଗୁ ଏଭଳି ହୋଇଛି। ରାତି ଅଧରେ ଯଦି ବ୍ରିଜ୍‌ଟି ଭୁଶୁଡିଥାନ୍ତା ତେବେ ବହୁ କ୍ଷୟକ୍ଷତି ହୋଇଥାନ୍ତା।

–ଚିତ୍ତରଞ୍ଜନ କର, ଖଣ୍ଡିତର

### ଟ୍ରକ୍ ଡ୍ରାଇଭର, ହେଲ୍‌ପର ଅନ୍ୟ ଗାଡ଼ିକୁ ଅଟକାଇଥିଲେ

ବ୍ରିଜ ଭୁଶୁଡ଼ିବା ପରେ ଆନ୍ଧ୍ରରୁ ଆସୁଥିବା ଏକ ଟ୍ରକର ଡ୍ରାଇଭର ଓ ହେଲପର ଅନ୍ୟ ଗାଡ଼ିଗୁଡ଼ିକୁ ଅଟକାଇ ଆଗକୁ ନ ଯିବାକୁ ବାରଣ କରିଥିଲେ। ଫଳରେ ଧନଜୀବନର ସୁରକ୍ଷା ହୋଇ ପାରିଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ଏକ ବିପଦ ଘଟିଲା।

–ସୁମନ୍ତ ଦାସ, ରସୁଲପୁର

### ୭୦ ବର୍ଷର ବ୍ରିଜ୍ ଠିକ୍ ଅଛି, ୧୫ ବର୍ଷର ଭାଙ୍ଗିଗଲା

ମଝିରେ ଥିବା ୭୦ ବର୍ଷର ବ୍ରିଜ୍ ଠିକ ଅଛି, ହେଲେ ୧୫ ବର୍ଷର ବ୍ରିଜ୍ ଭାଙ୍ଗି ଯାଇଛି। ୨୦୦୭ରେ ୪ ଥାକିଆ ରାସ୍ତା ନିର୍ମାଣ ବେଳେ ଏହି ବ୍ରିଜ ନିର୍ମାଣ ହୋଇଥିଲା। ଇଞ୍ଜିନିୟରମାନେ ଠିକ୍ ଭାବେ କାମ କରି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। କିନ୍ତୁ ଏକଥାକିଆ ରାସ୍ତା ଥିବାବେଳେ ୭୦ ବର୍ଷ ତଳେ ଯେଉଁ ବ୍ରିଜ୍ ନିର୍ମାଣ ହୋଇଛି ତାହା ଠିକ୍ ଅଛି।

–ହଳଧର ଦାସ, ରସୁଲପୁର

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବେନ୍ଦ୍ର



@ ଜାହ୍ନବୀ



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାଶୀନାଥ ଜେନା ହିମାଳୟ ବିଶ୍ୱବିଦ୍ୟାଳୟ କୁଳପତି

ଚଣ୍ଡିଖୋଲ,୧୮।୭ (ପ୍ରଦୀପ୍ତ କୁମାର ପୃଷ୍ଟି):



ଡ. କାଶୀନାଥ ଜେନା

ଯାଜପୁର ଜିଲା ବଡ଼ଚଣା ବ୍ଲକ ନାନପୁର ଗ୍ରାମର ଡ. କାଶୀନାଥ ଜେନା ଉତ୍ତରାଖଣ୍ଡ ରାଜ୍ୟ ଡେରାଡୁନସ୍ଥିତ ହିମାଳୟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଯୋଗଦେବେ। ଉତ୍ତରାଖଣ୍ଡ ରାଜ୍ୟପାଳଙ୍କ ଦ୍ୱାରା ଏହା ସ୍ଥିରୀକୃତ ହୋଇଥିବା ଘୋଷଣା ହେବାପରେ ବଡ଼ଚଣା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ସେ ଏହା ପୂର୍ବରୁ ତ୍ରିପୁରାସ୍ଥିତ ନ୍ୟାଶନାଲ ଫରେନ୍ସିକ ସାଇନ୍ସ ୟୁନିଭର୍ସିଟିର ପ୍ରଶାସନିକ ଅଧିକାରୀ ତଥା ବିଭାଗୀୟ ମୁଖ୍ୟଥିଲେ। ଏଥିସହିତ ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗାନ୍ଧିଆନ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ।

# ଅଭିଶପ୍ତ ସାତଭାୟାକୁ ନେଇ ପ୍ରସ୍ତୁତ ଫିଲ୍ମ ହେବ ପ୍ରଦର୍ଶିତ



ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାଣ ପାଇଁ ସାତଭାୟା ବେଳାଭୂମିରେ ସତ୍ୟଜିତ ରାୟ, ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ଓ ଅନ୍ୟମାନେ।

## ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ

ରାଜନଗର,୧୮।୭ (ଭାସ୍କର ରାଉତରାୟ)

ବିଶ୍ୱତାପନ ଓ ଜଳବାୟୁର ଅହେତୁକ ପରିବର୍ତ୍ତନ ସହ ହୀମ ଶିଖର ତରଳିବା ଯୋଗୁ ବଙ୍ଗୋପସାଗରର ଜଳସ୍ତର ଆଶାତୀତ ଭାବେ ବୃଦ୍ଧି ପାଇଛି। ୧୯୭୧ମହାବାତ୍ୟାରେ ଭୟଙ୍କର ସାମୁଦ୍ରିକ ଝଡ଼ରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କିମ୍ବଦନ୍ତୀର ଅନନ୍ୟ ସ୍ୱାକ୍ଷର ବହନ କରିଥିବା ସାତଭାୟାକୁ ସମୁଦ୍ର ଗ୍ରାସ କରିଥିଲା। ସେ ସମୟରେ ୫ଟି ଗାଁର ଭିଟାମାଟିକୁ ସମୁଦ୍ର ନିଜ ଗର୍ଭକୁ ନେଇଯାଇଥିଲା। ପ୍ରାୟ ୧୦ ହଜାର ନିରୀହ ମଣିଷ ଓ ୫୦ ହଜାରରୁ ଉର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀ ଜୀବନ ହରାଇଥିଲେ। ୧୯୯୯ ମହାବାତ୍ୟା ଅବଶିଷ୍ଟ ସାତଭାୟାର ଜନବସତିକୁ ବଙ୍ଗୋପସାଗର ସମ୍ପୂର୍ଣ୍ଣ ନିଜ ଗର୍ଭକୁ ନେଇଯାଇଥିଲା। ଜୀବନ ଏବଂ ଯନ୍ତ୍ରଣାର ଦୋ'ଛକିରେ ଥିବା ସଂତ୍ରସ୍ଥ ସାତଭାୟାର ୫୭୧ ପରିବାରକୁ ରାଜ୍ୟ ସରକାର ସମୁଦ୍ର କୂଳରୁ ଉଠାଇ ଆଣି ବଗପାଟିଆର ନୂଆ ଠିକଣାରେ ଥଇଥାନ କରିଛନ୍ତି। ସମଗ୍ର ବିଶ୍ୱରେ ଜଳବାୟୁର ପରିବର୍ତ୍ତନ ଯୋଗୁ ସାତଭାୟା ଜନବସତି ସମ୍ପୂର୍ଣ୍ଣ ବିଲୁପ୍ତ ହେବା ପ୍ରଥମ ଘଟଣା। ଅଭିଶପ୍ତ ସାତଭାୟାର ଭିଟାମାଟି ଏବଂ ସେଠାରେ ପୂଜା ପାଉଥିବା ଆରାଧ୍ୟା ଦେବୀ ମା' ପଞ୍ଚୁବରାହୀଙ୍କୁ ନେଇ ଦୀର୍ଘ ଦୁଇ ଦଶନ୍ଧି ଧରି ବିଭିନ୍ନ ଗଣମାଧ୍ୟମରେ ସାତଭାୟାର ଜୀବନ, ଜୀବିକା ଏବଂ ଯନ୍ତ୍ରଣାକୁ ନେଇ ଅନେକ ଖବର ପ୍ରକାଶ ପାଇଛି। ଏହାକୁ ଆଧାର କରି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାଣ ହେବ। ସୁନାମଧନ୍ୟ ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ସତ୍ୟଜିତ ରାୟ ଅନୁଷ୍ଠାନର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ 'ଦି ସି ଆଣ୍ଡ ସେଭେନ ଭିଲେଜେସ୍' ସାତଭାୟା ଗାଁ ଉପରେ ଏକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ଏହି ଚଳଚ୍ଚିତ୍ରଟି ଭାରତର ଅନ୍ୟତମ ପ୍ରସିଦ୍ଧ ୧୫ତମ କେରଳ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ନିବେଦିତ ତଥା ଇତିରାଣୀ ସାମନ୍ତଙ୍କ ପ୍ରଯୋଜିତ ଚଳଚ୍ଚିତ୍ରଟି ଜଳବାୟୁ ପରିବର୍ତ୍ତନ ଉପରେ ପର୍ଯ୍ୟବେଶିତ। ଏହି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଖଟୁଆଙ୍କ ଏହି ଡକ୍ୟୁମେଣ୍ଟାରୀ ଫିଲ୍ମଟି ଦର୍ଶକ ଏବଂ ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଆଶା କରାଯାଉଛି।

# ଜହ୍ନା ଛକରେ ଓଲଟିଲା ବସ୍

■ ୨୩ ଯାତ୍ରୀ ଆହତ

■ ବସ୍‌ରେ ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ

■ କଟକରେ ୮ ଓ ଯାଜପୁର ୨ ମେଡିକାଲରେ ଭର୍ତ୍ତି

ଯାଜପୁରରୋଡ୍,୧୮।୭ (ପବିତ୍ର ମହାନ୍ତି):



ଓଲଟିପଡ଼ିଥିବା ବସ୍।

ଭୁବନେଶ୍ୱରରୁ ମୟୂରଭଞ୍ଜ ଜିଲାର କରଞ୍ଜିଆ ଅଭିମୁଖେ ଯାତ୍ରା କରୁଥିବା ନାୟକ ନାମକ ଏକ ଘରୋଇ ବସ୍ (ଓଆର୍-୦୨-ବିଏସ୍-୦୦୪୫) ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ୪୫ ମିନିଟରେ ଯାଜପୁର ରୋଡ୍‌ର ଜହ୍ନାଛକଠାରେ ଓଲଟି ପଡ଼ିଛି। ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିବା ଫଳରେ ବସ୍‌ରେ ଥିବା ୨୩ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୧୫ ପୁରୁଷ, ୭ ମହିଳା ଓ ଜଣେ ଶିଶୁ ରହିଛନ୍ତି। ଶିଶୁ ଗୁରୁତର ଆଘାତ ହୋଇଥିବାରୁ ତାଙ୍କୁ କଟକ ଶିଶୁ ଭବନ ସ୍ଥାନାନ୍ତର କରାଯାଇଛି। କେନ୍ଦୁଝର ଜିଲା ରୁଦ୍ରନାରାୟଣପୁରର ସୁମିତ୍ରା ନନ୍ଦ(୨୫) ଓ ସୁନୀତା ନନ୍ଦ(୨୮) ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ କେନ୍ଦୁଝର ଜିଲା ରୁଦ୍ରନାରାୟଣପୁରର ଶ୍ରୀବାତ୍ସ ନନ୍ଦ(୨), କେନ୍ଦ୍ରାପଡ଼ାର ରାକେଶ ବେହେରା (୨୫), ବଳରାମ ନାୟକ(୩୩), କରଞ୍ଜିଆର ଗହ୍ଣା ସିଂ(୪୧), ଯଶୀପୁରର ଫାଲଗୁନୀ(୫୦), ପ୍ରବୀଣ କୁମାର ଜେନା(୨୮), ଢିଙ୍କୋଟର ମଙ୍ଗୁଳି ଚନ୍ଦ୍ର ସାହୁ(୫୩), ପ୍ରଫୁଲ୍ଲ ପାତ୍ର(୬୦) ଓ କୋଲିମାଟିର ନକୁଳ ପାତ୍ର(୪୦)ଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟମାନେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି।

ବସ୍‌ଟି ଦ୍ରୁତଗତିରେ ବେଣାପୁର ଗୋଲେଇ ପାର ହେବାପରେ ଯାଜପୁର ରୋଡ୍ ମଧ୍ୟକୁ ପ୍ରବେଶ କରିଥିଲା। ଏହି ସମୟରେ ଏକ ଟାଟା ମ୍ୟାଜିକ୍ ଗାଡ଼ିକୁ ବସ୍ ବାମ ପଟେ ଅତିକ୍ରମ କରୁଥିବାବେଳେ ଭାରସାମ୍ୟ ରକ୍ଷା କରି ନ ପାରି ରାସ୍ତା କଡ଼ ଖାଲକୁ ଖସିପଡ଼ିଥିବା ସ୍ଥାନୀୟ ଲୋକେ ଏବଂ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଯାତ୍ରୀଙ୍କ କହିବା ଅନୁଯାୟୀ, ବସ୍ ଡ୍ରାଇଭର ଅତ୍ୟଧିକ ମଦ୍ୟପାନ କରି ଗାଡ଼ି ଚଳାଉଥିଲେ। ଦୁର୍ଘଟଣା ଖବରପାଇ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ଯାଜପୁର ରୋଡ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଯାଜପୁର ରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଜ୍ୟୋତିରଞ୍ଜନ ମହାପାତ୍ର, ନିର୍ମଳ ସାହୁ, କୋରେଇ ଥାନା ଅଧିକାରୀ ସୁମତୀ ମହାନ୍ତି, ବିଶ୍ୱଜିତ ବିଶ୍ୱାଳ, ଯାଜପୁର ରୋଡ୍ ଅଗ୍ନିଶମ ବାହିନୀ, ଜାତୀୟ ରାଜପଥ ଆମ୍ବୁଲାନ୍ସ ଏବଂ ରାଜ୍ୟ ସରକାରଙ୍କ ଆମ୍ବୁଲାନ୍ସ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

ବସ୍‌ରେ ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ଉଦ୍ଧାର କାର୍ଯ୍ୟରେ ୭ ଆମ୍ବୁଲାନ୍ସ ନିୟୋଜିତ ହୋଇଥିଲା। ଆହତମାନଙ୍କୁ ପ୍ରଥମେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ପରେ କଟକ ଏବଂ ଯାଜପୁର ସ୍ଥାନାନ୍ତର କରାଯାଇଥିଲା। ଏହି ଖବରପାଇ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣା, କୋରେଇ ବିଧାୟକ ଅଶୋକ କୁମାର ବଳ, ଭାଜପା ନେତା ଆଲେକ୍ସଜାଣ୍ଡର ଦାସ ଘଟଣାସ୍ଥଳ ଏବଂ ମେଡିକାଲରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟ ବସ୍ଥା ବୁଝିବା ସହିତ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।



ଯାଜପୁର ରୋଡ୍‌ର ଜହ୍ନାଛକଠାରେ ବସ୍ ଓଲଟି ଆହତ ହୋଇଥିବା ଯାତ୍ରୀମାନେ।

# ଶିଆଳି ଜଙ୍ଗଲ ପାଇଁ ଲାଗିଲା ୩ଶହ ଚାରା

ନୟାଗଡ଼,୧୮।୭ (ଲୋକନାଥ ମିଶ୍ର)

ଶିଆଳି ଜଙ୍ଗଲ ସୃଷ୍ଟି ପାଇଁ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଭୋଗବାଡ଼ି ପଞ୍ଚାୟତ ପୁଟୁବାରୀ ଗାଁର ଆଦିବାସୀମାନେ ସ୍ଥାନୀୟ ଜଙ୍ଗଲରେ ୩୦୦ ଚାରା ରୋପଣ କରିଛନ୍ତି। ନୂଆ ଜଙ୍ଗଲ ସୃଷ୍ଟି ପାଇଁ ଜଙ୍ଗଲରୁ ଶିଆଳି ମଞ୍ଜି ସଂଗ୍ରହ କରି ସଂରକ୍ଷଣ କରି ରଖିବା ପରେ ନର୍ସରୀ କରି ୩ ମାସ ତଳେ ୫୦୦ ଚାରା ଲଗାଇଥିଲେ ଆଦିବାସୀ। ଜୀବନ ଜୀବିକା ପାଇ ଶିଆଳି ଲତାର ବଂଶ ବିସ୍ତାର କରିବାକୁ ଆଦିବାସୀମାନେ ଚେଷ୍ଟା କରି ସଫଳ ହୋଇଛନ୍ତି। ଶିଆଳି ଜଙ୍ଗଲ ଉଜୁଡ଼ିବା ପରେ ଆଦିବାସୀଙ୍କ ନୂଆ ଶିଆଳି ଜଙ୍ଗଲ ସୃଷ୍ଟି କରି ଚର୍ଚ୍ଚାକୁ ଆସିଛନ୍ତି।

ପୁଟୁବାରୀ ଗାଁରେ ୩୨ ପରିବାରରେ ୧୯୮ ଆଦିବାସୀ ବାସ କରୁଛନ୍ତି। ସେଠାରେ ଗାଁ ଲୋକ ମା'କାଳଞ୍ଜରୀ ଜଙ୍ଗଲ୨୦୧୫ରୁ ସୁରକ୍ଷା ଦେଇ ଆସୁଛନ୍ତି। ୨୦୧୪ ପୂର୍ବରୁ ଜଙ୍ଗଲ ଉଜୁଡ଼ି ଚାଲିଥିଲା। ଆଦିବାସୀମାନେ ଗାଁରେ ସଭା କରି ଜଙ୍ଗଲର ସୁରକ୍ଷା କରିଥିଲେ। ତେବେ ଜଙ୍ଗଲରୁ ଶିଆଳି ଲଟା ଲୋପ ପାଇବାକୁ ଲାଗିଲା। ଆଦିବାସୀ ମହିଳାମାନେ ଖଲି ତିଆରି କରିବା କଷ୍ଟକର ହୋଇ ପଡିଥିଲା। ଜଙ୍ଗଲରୁ ଶିଆଳି ପତ୍ର ମିଳିଲା ନାହିଁ। ପ୍ରତିବର୍ଷ ଜଙ୍ଗଲ ପୋଡ଼ି ସମୟରେ ଶିଆଳି ଲଟା ପୁରା ପୋଡି ଚାଲିଲା। ଏଭଳିସ୍ଥଳେ ଆଦିବାସୀ ମହିଳା ଖଲି ତିଆରି କରିବାରୁ ବଞ୍ଚିତ ହେଲେ। ଖଲି ତିଆରି ବନ୍ଦ ହୋଇ ଯିବା ପରେ ରୋଜଗାର ଉପରେ ପ୍ରଭାବ ପଡିଲା। ଏନେଇ ଜଙ୍ଗଲ କମିଟି ସଭାପତି ସାଧବ ମଳିକ କୁହନ୍ତି, ଜଙ୍ଗଲରୁ ଶିଆଳି ଲଟା ହ୍ରାସ ପାଇବା ପରେ ନିର୍ମାଣ ଅନୁଷ୍ଠାନ ପକ୍ଷରୁ ଆମକୁ ନୂଆ ଜଙ୍ଗଲ ସୃଷ୍ଟି କରିବା ପାଇଁ ପ୍ରେରଣା ମିଳିଲା। ସେମାନଙ୍କ ସହଯୋଗରେ ଗାଁର ମହିଳାମାନେ ଶିଆଳି ଜଙ୍ଗଲ ସୃଷ୍ଟି ପାଇଁ ଗାଁ ମୁଣ୍ଡରେ ଏକ ନର୍ସରୀ କରି ୫୦୦ ଚାରା ରୋପଣ କରିଥିଲେ। ଏଥିରୁ ୨୦୦ ଚାରା ନଷ୍ଟ ହୋଇ ଯାଇଛି। ତେବେ ସେହି ଚାରା ନେଇ ବରଖାଲ ଜଙ୍ଗଲରେ ଲଗା ଯାଇଛି। ମଥୁରା ମଳିକ କୁହନ୍ତି, ଶିଆଳି ଲଟାକୁ ଜଙ୍ଗଲର ବିଭିନ୍ନ ସ୍ଥାନରୁ ଖୋଜିବାକୁ ପଡୁଥିଲା। ବୋରଖାଲ ଜଙ୍ଗଲରେ କେବଳ ଶିଆଳି ଜଙ୍ଗଲ କରାଯାଇଛି। ଆଦିବାସୀ ମହିଳାମାନଙ୍କୁ ଆଉ ଅଧିକା ବାଟ ପରିଶ୍ରମ କରିବାକୁ ପଡିବନି। ପ୍ରାୟ ୧ବର୍ଷ ଭିତରେ ଗଛ ଗୁଡିକ ଆଦିବାସୀ ମହିଳାଙ୍କ ରୋଜଗାରର ମାଧ୍ୟମ ପାଲଟିବ। ଆଉ ଖଲି ତିଆରିରେ ଅସୁବିଧା ହେବ ନାହିଁ। ପରବର୍ତ୍ତି ପର୍ଯ୍ୟାୟରେ ପୁଣି ନୂଆ ଚାରା ସୃଷ୍ଟି କରାଯାଇ ରୋପଣ କରାଯିବ। ସଂପୃକ୍ତ ଶିଆଳି ଲଟାର ଜଙ୍ଗଲକୁ ଗାଁର ମହିଳାମାନେ ସୁରକ୍ଷା ଦେବେ ବୋଲି ସେ କହିଛନ୍ତି।



ଆଦିବାସୀ ମହିଳାମାନେ ଜଙ୍ଗଲରେ ଚାରାରୋପଣ କରୁଛନ୍ତି।

- ୩ ମାସ ତଳେ କରାଯାଇଥିଲା ନର୍ସରୀ
- ଜୀବନ ଓ ଜୀବିକା ବଞ୍ଚାଇବା ପାଇଁ ପଦକ୍ଷେପ
- ପୁଟୁବାରୀ ଗାଁ ଆଦିବାସୀଙ୍କ ଜଙ୍ଗଲ ପ୍ରୀତି

## ଗେରାପାଜୁ ଗାଁରେ ଫଳ ବଗିଚା

ଗେରାପାଜୁ ଗାଁରେ ପ୍ରାୟ ୨୦୦ ଆମ୍ବ, ପଣସ, ବଡ଼ ଜାମୁ, କଇଥ, ପିଜୁଳି, ଡାଳିମ୍ବ, ଲେମ୍ବୁ, ବରକୋଳି, ହରିଡା, ବାହାଡା, ଅଁଳା ଆଦି ଗଛ ଲାଗିଛି । ତେବେ ଫଳ ବଗିଚା ହେବା ପୂର୍ବରୁ ଗାଁର ଏକ ସ୍ଥାନ ଚୟନ କରାଯାଇଥିଲା । ଯେଉଁଠି ଗଛ ଲାଗିବ ସେହି ସ୍ଥାନରେ ପୂର୍ବରୁ ଗାତ ଖୋଳାଯାଇ ଗୋବରଖତ, ଗ୍ୟାମାକ୍ସିନ ମାଟି ମିଶାଇ ୨ ଫୁଟ ପର୍ଯ୍ୟନ୍ତ ପ୍ରସ୍ତୁତ କରି ରଖା ଯାଇଥିଲା । ପ୍ରତି ପରିବାର ସଦସ୍ୟମାନେ ଚାରା ରୋପଣ କରିଛନ୍ତି । ପ୍ରଥମେ ଘର ସମ୍ମୁଖକୁ ରଙ୍ଗାମାଟିରେ ଲିପାଯାଇ ମୁରୁଜ ପକାଯିବା ପରେ ଗଛ ରଖା ଯାଇଥିଲା। ଦୀପ ଲଗାଇ ଦୁବ, କ୍ଷୀର, ଅରୁଆ ଚାଉଳରେ ଗାଁ ଯାନି ପୂଜା ପାଠ କରିବା ପରେ ଗାଁର ଲୋକମାନେ ଧାଡି ହୋଇ ଯାଇ ଫଳ ଚାରା ରୋପଣ କରିଥିଲେ। ଏନେଇ ଗାଁର ବୟସ୍କ ବ୍ୟକ୍ତି ରମେଶ ଜାନି କୁହନ୍ତି, ଗାଁରେ ଫଳ ବଗିଚା ନ ଥିଲା । ଗାଁ ଲୋକ ଜଙ୍ଗଲ ସୁରକ୍ଷା କରୁଛନ୍ତି । ଏବେ ଗାଁରେ ଫଳ ବଗିଚାର ସୁରକ୍ଷା ନେଇ ଛୋଟରୁ ବଡ଼ କରିବେ। ଫଳ ବଗିଚା ଗାଁ ଲୋକଙ୍କ କାମରେ ଆସିବ । ଅନ୍ୟପକ୍ଷେ ଏଥିରେ କିଛି ଔଷଧୀୟ ଗଛ ଲାଗିଛି । ଅନ୍ୟ କିଛି ଫଳ ଓ ଔଷଧୀୟ ଗଛ ପୁଣି ଲଗାଯିବ ବୋଲି ସେ କହିଛନ୍ତି।



ଫଳଚାରା ରୋପଣ ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

# ଠିକା କର୍ମଚାରୀଙ୍କ ନିଲମ୍ବନ ପ୍ରତିବାଦରେ ବିକ୍ଷୋଭ

ନୟାଗଡ଼,୧୮।୭ (ଲୋକନାଥ ମିଶ୍ର)

କଟକ ସିଡିଡି–୧ର ଠିକା ଶ୍ରମିକ ସତ୍ୟବ୍ରତ ସ୍ୱାଇଁଙ୍କୁ ଜାତିଆଣ ଆକ୍ଷେପ, ହାତ ଉଠାଇବା, ବେଆଇନ ନିଲମ୍ବନକୁ ନେଇ ନୟାଗଡ଼ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀମାନେ ବିକ୍ଷୋଭ କରିବା ସହ ବିଭାଗୀୟ ଅଧିକାରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ବୁଦ୍ଧମ ବିଲ୍ଡର୍ସ ପ୍ରାଇଭେଟ ଲିର ଓଡ଼ିଆ ମୁଖ୍ୟ ପ୍ରଭାସ ଝା ସୋମବାର ଜାତିଆଣ ଆକ୍ଷେପ, ହାତ ଉଠାଇବା, ବେଆଇନ ନିଲମ୍ବନ କରିଥିବାର ଅଭିଯୋଗ ହୋଇଛି। ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ଓ ମା'ଦକ୍ଷିଣକାଳୀ ଠିକା ବିଦ୍ୟୁତ୍ କର୍ମଚାରୀ ସଂଘର ନୟାଗଡ଼ ଶାଖା ପକ୍ଷରୁ ହୋଇଥିବା ଏହି ଧାରଣାରେ ବୁଦ୍ଧମ ବିଲ୍ଡର୍ସ ପ୍ରାଇଭେଟ ଲିର ଓଡ଼ିଆ ମୁଖ୍ୟ ପ୍ରଭାସ ଝାଙ୍କ କୁଶପୁତ୍ତଳିକା ଦାହ କରାଯାଇ ଗୋବ୍ୟାକ ସ୍ଲୋଗାନ ଦିଆଯାଇଥିଲା । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି।



ଠିକା ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# 'ଭୂମି ସମ୍ମାନ' ପାଇଲା ନୟାଗଡ଼ ଜିଲା



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ଭୂମି ସମ୍ମାନ ପ୍ରଦାନ କରୁଛନ୍ତି।

ନୟାଗଡ଼,୧୮।୭ (ଲୋକନାଥ ମିଶ୍ର)

- ରାଷ୍ଟ୍ରପତିଙ୍କ ଦ୍ୱାରା ନୟାଗଡ଼ ଜିଲାପାଳ ପୁରସ୍କୃତ
- ଭୂଲେଖ କାର୍ଯ୍ୟରେ ସଫଳତା ପାଇଁ ଭୂମି ସମ୍ମାନ

ଭୂଲେଖ କାର୍ଯ୍ୟରେ ସଫଳତା ପାଇଁ ନୟାଗଡ଼ ଜିଲା ପାଇଛି ଭୂମି ସମ୍ମାନ। ମଙ୍ଗଳବାର ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ଭୂମି ସମ୍ମାନରେ ପୁରସ୍କାର ପ୍ରଦାନ କରିଛନ୍ତି। ଭୂମି ସମ୍ମାନ ଉତ୍ସବରେ ନୟାଗଡ଼ ତହସିଲଦାର ଭିକାରୀ ସାହୁ ଓ ଗଣିଆ ତହସିଲଦାର କିଶୋର ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ । ଭୂଲେଖ କାର୍ଯ୍ୟରେ ସଫଳତା ପାଇଁ କେନ୍ଦ୍ର ସରକାର ୯ ରାଜ୍ୟର ୭୫ ଜିଲାପାଳଙ୍କୁ ପୁରସ୍କୃତ କରିବାକୁ ଚୟନ କରିଛନ୍ତି । ଏଥିରେ ଓଡ଼ିଶାରେ ନୟାଗଡ଼, ବୌଦ୍ଧ, ବରଗଡ଼, ଭଦ୍ରକ, ଢେଙ୍କାନାଳ, ଗଜପତି, ଜଗତସିଂହପୁର, କେନ୍ଦ୍ରପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ନବରଙ୍ଗପୁର, ନୂଆପଡା, ରାୟଗଡା, ଦେଓଗଡ, ଗଞ୍ଜାମ, ଯାଜପୁର, ଅନୁଗୋଳ ଓ ସମ୍ବଲପୁର ଜିଲାର ଜିଲାପାଳ ପୁରସ୍କୃତ ହୋଇଛନ୍ତି । ପ୍ରକାଶଥାଉକି ଭୂଲେଖ କାର୍ଯ୍ୟ ଅର୍ଥାତ୍ ଜମି ପଟ୍ଟାର କମ୍ପ୍ୟୁଟରୀକରଣ, ଜମି ରେଜିଷ୍ଟ୍ରେଶନରେ ସ୍ୱଚ୍ଛତା, ଆଧୁନିକ ରେକର୍ଡ ରୁମ୍ ପରିଚାଳନା ଓ ଜମିଜମା କାଗଜପତ୍ରର ସ୍କାନିଂ ଓ କମ୍ପ୍ୟୁଟରୀକରଣ କ୍ଷେତ୍ରରେ ନୟାଗଡ଼ ଜିଲାର ୮ ତହସିଲର କାର୍ଯ୍ୟ ସଫଳତା ହାସଲ କରିଛି।

## ମାନବାଧିକାର କାଉନସିଲର ରାଜ୍ୟ ସଭାପତି ଭାବେ ଶ୍ରୀନିବାସ ଦାଶଙ୍କୁ ନିଯୁକ୍ତି



**ଖଣ୍ଡପଡ଼ା,୧୮।୭(ଅଜୟ କୁମାର ମହାରଣା):** ଆନ୍ତର୍ଜାତୀୟ ମାନବାଧିକାର କାଉନସିଲର ସାଧାରଣ ନ୍ୟାୟ ବିଭାଗର ରାଜ୍ୟ ସଭାପତି ଭାବେ ଇଂ. ଶ୍ରୀନିବାସ ଦାଶଙ୍କୁ ନିଯୁକ୍ତି ମିଳିଛି । କାଉନସିଲର ଚେୟାରମ୍ୟାନ ଡ.ସୋନି ସାହାଙ୍କ ନିଷ୍ପତ୍ତି କ୍ରମେ ରାଷ୍ଟ୍ରୀୟ ସଭାପତି ଶ୍ରୀନଶିଟ୍ ଆଫ୍ରୋଜ ତାଙ୍କୁ ରାଜ୍ୟ ସଭାପତି ଭାବେ ନିଯୁକ୍ତି କରିଛନ୍ତି। ନୟାଗଡ଼ ଜିଲା ଭାଜପା ସଭାନେତ୍ରୀ ଇଂ. ଅର୍ଚ୍ଚନା ଦାଶଙ୍କ ସ୍ୱାମୀ ଇଂ. ଦାଶଙ୍କ ଘର ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ଗ୍ରାମରେ। ସେ ପିଲାଟି ଦିନରୁ ତାଙ୍କର ସାମାଜିକ ସେବା ପ୍ରତି ଆଗ୍ରହ ଥିଲା। ସେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ବିଭିନ୍ନ ପଦ ପଦବୀରେ ରହି କାମ କରିଛନ୍ତି ।

## ବଦଳିଲେ ନୟାଗଡ଼ ଅତିରିକ୍ତ ଏସ୍‌ପି

**ନୟାଗଡ଼,୧୮।୭(ଲୋକନାଥ ମିଶ୍ର):** ନୟାଗଡ଼ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକଙ୍କର ପଦୋନ୍ନତି ହୋଇ ବଦଳି ହୋଇଛି । ସେ ଓପିଏସ୍ (ବରିଷ୍ଠ) ପାହ୍ୟାକୁ ପଦୋନ୍ନତି ପାଇଛନ୍ତି । ସେ ଭୁବନେଶ୍ୱର କଟକ କମିଶନରେଟ କ୍ରାଇମ ପୋଲିସର ଡିସିପି ଭାବେ ବଦଳି ହୋଇଛନ୍ତି ।

# ପୋଲିସ ମାଡ଼ରେ ରଣଜୀ ଖେଳାଳି ଗୁରୁତର

## ଥାନା ପଛକୁ ଡାକି ପୁଣି ପାଇପରେ ପିଟିଲେ ଏସ୍‌ଆଇ

ନୟାଗଡ଼,୧୮।୭(ଲୋକନାଥ ମିଶ୍ର)/ ଭାପୁର (ଭରତ କୁମାର ବେହେରା)

ନୟାଗଡ଼ ଜିଲା ଅଧୀନ ଫତେଗଡ଼ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ଜଣେ ରଣଜୀ ଖେଳାଳୀ ତଥା ଭାପୁର ବ୍ଲକ ପଥଚକଡା ଗାଁର ପ୍ରଶାନ୍ତ କୁମାର ରଣାଙ୍କୁ ପୋଲିସ ଏସ୍‌ଆଇ ଅରୂପ ନାୟକ ଥାନା ପଛକୁ ଡାକି ସୋମବାର ପୂର୍ବାହ୍ନରେ ଗୋଡେଇ ଗୋଡେଇ ପିଟିଛନ୍ତି । ପୋଲିସ ଏସ୍‌ଆଇଙ୍କ ମାଡ଼ରେ ପ୍ରଶାନ୍ତ ଗୁରୁତର ହୋଇ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ କିଛି ମାସ ତଳେ ସଂପୃକ୍ତ ଏସ୍‌ଆଇ ଭାପୁର ଗାଁର ସୁନିଲ କୁମାର ମହାନ୍ତିଙ୍କୁ ପାରିବାରିକ କଳହର ସମାଧାନ ପାଇଁ ଡାକି ଥାନା ପଛରେ ପ୍ଲାଷ୍ଟିକ ପାଇପ୍‌ରେ ପିଟିଥିଲେ । ସେହି ଘଟଣା ମାନବାଧିକାର କମିଶନରଙ୍କ ପାଖରେ ବିଚରାଧୀନ ଅଛି ।

ପ୍ରଶାନ୍ତଙ୍କ ଅଭିଯୋଗ ଅନୁଯାୟୀ, ଜଣେ ଯୁବକଙ୍କ ଠାରୁ ମଧ୍ୟସ୍ଥିଙ୍କ ସହାୟତାରେ ସେ ୪୪ ହଜାର ଟଙ୍କା ଦେଇ ଏକ ବାଇକ୍ କିଣିଥିଲେ । ସେ ଫୋନପେ ମାଧ୍ୟମରେ ଟଙ୍କା ପ୍ରଦାନ କରିଥିଲେ । ହେଲେ ସେ କିଣିଥିବା ବାଇକ୍ ତାଙ୍କ ନାଁରେ କାଗଜାତ ହୋଇ ପାରିଲା ନାହିଁ । ଏଥିପାଇଁ ପ୍ରଶାନ୍ତ ମାଧପୁର ଗାଁରୁ କଟକକୁ ବାଇକ୍ ଯୋଗେ ସୋମବାର ପୂର୍ବାହ୍ନରେ ଯାଉଥିଲେ । ବାଟରେ ବାଉଁଶବାଟିଠାରେ ମଧ୍ୟସ୍ଥଙ୍କ ସହ ଭେଟ ହେବାରୁ ବାଇକ୍‌ର କାଗଜାତ ତାଙ୍କ ନାମରେ ହୋଇ ପାରି ନ ଥିବା ନେଇ ବିବାଦ ଓ ପାଟିତୁଣ୍ଡ ହୋଇଥିଲା। ମଧ୍ୟସ୍ଥିଙ୍କ ସହଯୋଗ ନ ଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଘଟଣା ସମ୍ପର୍କରେ ପ୍ରଶାନ୍ତ ଅଭିଯୋଗ କରିବାକୁ ବାପା ସନାତନ ରଣା ଓ ମା'ଲକ୍ଷ୍ମୀପ୍ରିୟା ରଣାଙ୍କ ସହ ସୋମବାର ଫତେଗଡ଼ ଥାନାକୁ ଯାଇଥିଲେ । ତେବେ ଥାନାରେ ମଧ୍ୟସ୍ଥ ଆଗୁଆ ପହଞ୍ଚି ଥିବା ଦେଖିବାକୁ ପାଇଥିଲେ । ସବ୍‌ଇନ୍ସପେକ୍ଟର ନାୟକ ଉଭୟଙ୍କ ଅଭିଯୋଗ ଶୁଣି ମଧ୍ୟସ୍ଥିଙ୍କୁ ଛାଡି ଦେଇଥିଲେ । ପ୍ରଶାନ୍ତଙ୍କୁ ଅପେକ୍ଷା କରିଥାଅ କହି ବସାଇଥିଲେ । ପରେ ଥାନା ପଛକୁ ଡାକି ନେଇ ସେ ଗାମୁଛା ପିନ୍ଧିଥିବା ଅବସ୍ଥାରେ ଏକ ପ୍ଲାଷ୍ଟିକ ପାଇପରେ ପ୍ରଶାନ୍ତଙ୍କୁ ୩୦ରୁ ଊର୍ଦ୍ଧ୍ୱ ଥର ପିଟିଥିଲେ। ପ୍ରଶାନ୍ତଙ୍କ ଅଭିଯୋଗକୁ ନ ଶୁଣି ପୁଣି ୨୨ ରେ ଦେଖା କରିବାକୁ କହିଥିଲେ ।

ସୂଚନାଯୋଗ୍ୟ, ପ୍ରଶାନ୍ତ ନୟାଗଡ଼ ଜିଲାର ଗର୍ବ ଓ ଗୌରବ । ସେ ଓଡ଼ିଶା କ୍ରିକେଟ ଆସୋସିଏଶନର ସର୍ବୋଚ୍ଚ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ରେ ନୟାଗଡ଼ ତରଫରୁ ପ୍ରତିନିଧିତ୍ୱ କରିଥିଲେ । ବିସିସିଆଇ ୫୦ ଓଭର ବିଶିଷ୍ଟ ଟୁର୍ନାମେଣ୍ଟରେ ଖେଳିବାକୁ ଓଡ଼ିଶା ତରଫରୁ ସୁଯୋଗ ପାଇଥିଲେ । ଏଭଳି ଜଣେ ଖେଳାଳୀଙ୍କୁ ସବଇନ୍ସପେକ୍ଟର ମାଡ଼ ମାରିବା ଘଟଣାକୁ ଜିଲାସାରା ନିନ୍ଦା କରାଯାଇଛି । ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସଂକ୍ରାନ୍ତରେ ଏସ୍‌ଆଇ ନାୟକଙ୍କୁ ପ୍ରଶ୍ନ କରିବାରୁ ମୁଁ କାହାକୁ ପିଟିନାହିଁ । ଏ ଘଟଣା ସମ୍ପର୍କରେ କିଛି ଜାଣିନାହିଁ । ମୋ ବିରୋଧରେ ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ ବୋଲି ସେ କହିଛନ୍ତି।



ରଣଜୀ ଖେଳାଳି ପ୍ରଶାନ୍ତ କୁମାର ରଣା।



ପୋଲିସ ମାଡ଼ରେ ପ୍ରଶାନ୍ତ ଦେହରେ ସୃଷ୍ଟି ହୋଇଥିବା କ୍ଷତ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବେନ୍ଦ୍ର



@ ଜାହ୍ନବୀ



@ ମହେଶ



@ ପ୍ରଶାନ୍ତ



@ ପ୍ରତୀକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଶନ ସାମଗ୍ରୀ ମାଇଛେଳି ଗ୍ରାମରେ ଦେବା ପାଇଁ ଦାବି

ନୂଆଗାଁ,୧୮।୭ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତର ୩ ୱାର୍ଡର ରାଶନ ସାମଗ୍ରୀ ଓ ଭତ୍ତା ହିତାଧିକାରୀଙ୍କୁ ମାଇଛେଳି ଗ୍ରାମରେ ଦେବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି । ମଙ୍ଗଳବାର ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଡିଓଙ୍କୁ ଭେଟି ଲିଖିତ ଭାବେ ଏ ବାବଦରେ ଜଣାଇଛନ୍ତି । ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତର ୱାର୍ଡ ନଂ. ୮, ୯ ଓ ୧୦ର ହିତାଧିକାରୀମାନେ ସମ୍ପଡାଠାରେ ଥିବା ମାଇଛେଳି ପଞ୍ଚାୟତରୁ ରାଶନ ସାମଗ୍ରୀ ଓ ଭତ୍ତା ନେଉଛନ୍ତି। ମାଇଛେଳି ଗ୍ରାମରୁ ୩ କିମି ପଞ୍ଚାୟତ କାର୍ଯ୍ୟାଳୟରୁ ଚାଉଳ ନେବାରେ ନାନା ସମସ୍ୟା ଉପୁଜୁଛି । ଏପରିକି ସ୍ଥାନୀୟ ଅଟୋରିକ୍ସା ଚାଳକମାନେ ରାଶନ ସାମଗ୍ରୀ ନେବା ସମୟରେ ହିତାଧିକାରୀମାନଙ୍କୁ ନାନା ହଇରାଣ କରୁଛନ୍ତି । ମାଇଛେଳି ଗ୍ରାମର ହିତାଧିକାରୀମାନେ ତାଙ୍କ ଗ୍ରାମର ଜିତେନ୍ଦ୍ର ସାହୁଙ୍କ ଗାଡ଼ିରେ ଚାଉଳ ନେବା ସମୟରେ ଅଟୋ ଚାଳକ ହଇରାଣ କରିଥିଲେ । ଏ ନେଇ ମାଇଛେଳି ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ଲୋକ ଦସ୍ତଖତ କରି ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ବାରମ୍ବାର ଏପରି ହଇରାଣ ହେଉଥିବାରୁ ଆମକୁ ଆମ ଗ୍ରାମରେ ରାଶନ ସାମଗ୍ରୀ ଦିଆଯାଉ ବୋଲି ଦାବି କରିଛନ୍ତି । ସେହିପରି ଭତ୍ତା ମଧ୍ୟ ଆମ ଗ୍ରାମରେ ଦିଆଯାଉ ବୋଲି କହିଥିବା ବେଳେ କେବଳ ପଞ୍ଚାୟତକୁ ଆସିପାରୁ ନ ଥିବା ହିତାଧିକାରୀଙ୍କୁ ଘରେ ଭତ୍ତା ଦିଆଯିବ ବୋଲି ସାମାଜିକ ସୁରକ୍ଷା କନିଷ୍ଠ ସହାୟକ ରଘୁନାଥ ସାହୁ କହିଥିଲେ । ମାଇଛେଳି ଗ୍ରାମରେ ଚାଉଳ ଦେବା ନେଇ ବ୍ୟବସ୍ଥା କରିବା ପାଇଁ ବିଡିଓ ମିଶ୍ର ନୂଆଗାଁ ବ୍ଲକ ଯୋଗାଣ ନିରୀକ୍ଷକ ବି.ଶ୍ରୀ ହର୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

